୬

ଖୁବ୍ ଶୀଘ୍ର ନୂତନ କୋଚ୍ ପାଇଁ ବିଜ୍ଞାପନ ପ୍ରକାଶ କରିବ ବିସିସିଆଇ : ଜୟ ଶାହ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

E-mail : sambadkalikanews@gmail.com

# The Sambad Kalika

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୦୩ ● ୧୧ ମଇ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-103 ● 11th May 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24



# ଆମ ଲକ୍ଷ୍ୟ ଓଡ଼ିଶା ନଂ 1



ବିଜୁ ଜନତା ଦଳ

## ଲୋକଙ୍କ ଘୋଷଣାପତ୍ର - ୨୦୨୪



### ଯୁବବର୍ଗ

- ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବାରେ ଓଡ଼ିଶା ହେବ ପ୍ରଥମ ରାଜ୍ୟ।
- ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ୧ ହଜାର କୋଟି ବଜେଟ୍ ଉପରେ ନିଜ ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।



### ମଧ୍ୟବିତ୍ତ

- ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଯୋଗ୍ୟ ସହରାଞ୍ଚଳ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ସୁଧ ଉପରେ ରିହାତି ମିଳିବ।
- ସହରାଞ୍ଚଳକୁ ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତଙ୍କ ପାଇଁ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।



### ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ସାମାଜିକ ସୁରକ୍ଷା ପେନସନ।
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।
- BSKYର ପରିସରକୁ ବୃଦ୍ଧି କରାଯାଇ ତୃଣମୂଳସ୍ତରର ମହିଳା କର୍ମଚାରୀଙ୍କୁ ସାମିଲ୍ କରାଯିବ।



### ସହରୀକରଣ

- ଚାରୋଟି ମେଗା ଅର୍ବାନ କ୍ଲଷ୍ଟର ଏବଂ ୨୦ଟି ଅତିରିକ୍ତ ସହରର ବିକାଶ କରାଯିବ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ରୂପେ ବିକଶିତ କରାଯିବ।
- ଭୁବନେଶ୍ୱର-କଟକ ମେଟ୍ରୋ ପ୍ରୋଜେକ୍ଟରେ ପୁରୀ ଏବଂ ଖୋର୍ଦ୍ଧାକୁ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ସମସ୍ତ ପ୍ରମୁଖ ସହରମାନଙ୍କୁ ଯୋଡ଼ିବ ଲକ୍ଷ୍ମୀ ବସ୍।
- ୨୦ଟି ସହରକୁ ବିମାନ ସେବା ଦ୍ୱାରା ସଂଯୋଗ କରାଯିବ।



### ସାମାଜିକ ନିରାପତ୍ତା

- ୧ ଲକ୍ଷ ଯୋଗ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧,୦୦,୦୦୦ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ଯୋଗାଇ ଦିଆଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ।



### ନିବେଶ ଏବଂ ଅର୍ଥନୈତିକ ବିକାଶ

- ନୂତନ ଟେକ୍ନୋଲୋଜି ଏବଂ ଅର୍ଥନୀତି ସହ ସେମିକଣ୍ଡକ୍ଟର ହବ୍, ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଉପରେ ବିଶେଷ ଧ୍ୟାନ ଦିଆଯିବ।
- ରାଜ୍ୟରେ ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବାର ପ୍ରକ୍ରିୟା ଆହୁରି ସୁଦୃଢ଼ କରାଯିବ।
- ନୂତନ ଟେକ୍ନିକାଲ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହେବ।
- ୧୦୦ଟି ପରିବେଶ ଅନୁକୂଳ(eco-friendly) ପର୍ଯ୍ୟଟନ ସ୍ଥଳର ବିକାଶ କରାଯିବ।



### ଚାଷୀ

- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ବିରତି ସମୟରେ ମତ୍ସ୍ୟଜୀବୀମାନଙ୍କୁ ୧୫,୦୦୦ ଟଙ୍କାର ସହାୟତା ମିଳିବ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।



### ଶକ୍ତି ନିରାପତ୍ତା

- ପ୍ରତି ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିନା ମୂଲ୍ୟରେ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ପ୍ରାୟ ୯୦% ପରିବାର ହେବେ ଉପକୃତ।



### ଭାଷା, ଐତିହ୍ୟ ଓ ସଂସ୍କୃତି

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ ପାଣ୍ଠି କରାଯିବ।

5T ନବୀନ ଗ୍ୟାରେଣ୍ଟି

ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ

ଲୋକସଭା

ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

୬ ରୋହିତଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ୍ ଜିତୁ : ୟୁବରାଜ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୧୦୩ ● ୧୧ ମଇ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-103 ● 11th May 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24



# ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ’, ମିଳିଲା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୦/୫
ନ୍ୟୁଜ ବ୍ୟୁରୋ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଓଡ଼ିଶା ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତା’ପରେ କଡ଼ା ସୁରକ୍ଷା ମଧ୍ୟରେ ବିମାନବନ୍ଦରରୁ ବାହାରିଥିଲେ ମୋଦି।

ରାସ୍ତାର ଦୁଇ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ହଜାର ହଜାର ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ ପ୍ରଧାନମନ୍ତ୍ରୀ। ବିମାନ ବନ୍ଦରରୁ ବାହାରିବା ପରେ ପ୍ରଧାନମନ୍ତ୍ରୀ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଆସିଥିଲେ।

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ’। ବାଣୀବିହାର ପର୍ଯ୍ୟନ୍ତ ଚାଲିଥିଲା ପ୍ରଧାନମନ୍ତ୍ରୀଙ୍କ ଏହି ରୋଡ୍ ଶୋ’। ପ୍ରଧାନମନ୍ତ୍ରୀଙ୍କ ସହ ରାଜ୍ୟ ବିଜେପିର ୨ ବରିଷ୍ଠ ନେତା ସାମିଲ ହୋଇଥିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ ରୋଡ୍ ଶୋ’ରେ ସାମିଲ୍ ହୋଇଥିଲେ।

ମୋଦିଙ୍କ ରୋଡ୍ ଶୋ’ ପାଇଁ ରାସ୍ତାର ଦୁଇ ପାର୍ଶ୍ୱ ଝଲସୁଥିଲା ଓଡ଼ିଶାର କଳା ଓ ସଂସ୍କୃତି। ବାଣୀବିହାର ମଧ୍ୟରେ ୧୦ଟି ସ୍ଥାନରେ ୧୦ଟି ଆଇକନ୍ ସ୍ଥାପନ କରାଯାଇଥିଲା। ବିଜେପି ଅଫିସ୍ ପରିସରରେ ହୁଳହୁଳି ଓ ଝାଞ୍ଜ ମୃଦଙ୍ଗ ସହ ସାହିଯାତ ପରମ୍ପରା ଦେଖିବାକୁ ମିଳିଥିବା ସହ କୋଣାର୍କ ସୂର୍ଯ୍ୟମନ୍ଦିରର ଚକ ଓ ଶ୍ରୀଜୀଉଙ୍କ ରଥର ଉପରପାର୍ଶ୍ୱକୁ ନେଇ ତିଆରି ହୋଇଥିଲା ବିରାଟ୍ ଷ୍ଟେଜ୍ ବ୍ୟାକଡ୍ରପ୍। ରାମମନ୍ଦିର ପରିସରରେ ୨୦ ଜଣ ପୂଜକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଆଳତୀ ଦୃଶ୍ୟ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ରାମମନ୍ଦିରର ଡାହାଣ କଡ଼ରେ ରାମଲାଲାଙ୍କ ବିରାଟ୍ କଟଆଉଟ୍ ଦେଖିବାକୁ ମିଳିଥିଲା। ସେହିପରି ବାନରସେନାଙ୍କ ଦ୍ୱାରା ଜୟଶ୍ରୀ ରାମ ଧ୍ୱନୀରେ ପ୍ରକମ୍ପିତ (ପୃଷ୍ଠା ୭ରେ)

# ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ଯଦି ମୁଖ୍ୟମନ୍ତ୍ରୀ ନ ହୁଅନ୍ତି ତା’ହେଲେ ମୁଁ ରାଜନୀତିରୁ ସନ୍ୟାସ ନେବି : ପାଣ୍ଡିଆନ

ଭୁବନେଶ୍ୱର, ୧୦/୫
ନ୍ୟୁଜ ବ୍ୟୁରୋ




ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ଧୂଆଁଧାର ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ଲୋକସଭା ପ୍ରାର୍ଥୀ ପରିଣିତା ମିଶ୍ର ଏବଂ ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଦୀପାଳି ଦାସ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥୀ ଅଳକା ମହାନ୍ତିଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେଇ ଜିତେଇବାକୁ ଅନୁରୋଧ କରିଛନ୍ତି।

ବ୍ରଜରାଜନଗରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଚ୍ୟାଲେଞ୍ଜ କରି ଶ୍ରୀ ପାଣ୍ଡିଆନ କହିଥିଲେ ଯେ କେନ୍ଦ୍ରମନ୍ତ୍ରୀ ବହୁତ ବଡ଼ ବଡ଼ କଥା କହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି । ସାମାନ୍ୟ ଜାତୀୟ ରାଜପଥକୁ ୧୦ ବର୍ଷରେ ଠିକ୍ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ ତାଙ୍କର ସାହସ ଆସିଲା କେଉଁଠୁ ? ମୋତେ ଚାମ୍‌ଚା, ଗୁମାସ୍ତା ବୋଲି କହୁଛନ୍ତି । ମୋତେ ଯାହାବି କହିଲେ କିଛି ଅସୁବିଧା ନାହିଁ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କଲେ ମୁଁ ସହିବି ନାହିଁ । ସେମାନେ କହୁଛନ୍ତି ଯେ ଓଡ଼ିଶାରେ ପରିବର୍ତ୍ତନର ହାଓ୍ୱା ବହୁଛି । ମୁଁ ତାଙ୍କୁ ଚ୍ୟାଲେଞ୍ଜ କରୁଛି ଯଦି ନବୀନ ପଟ୍ଟନାୟକ ତିନି–ଚତୁର୍ଥାଂଶ ବହୁମତରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନ ନିଅନ୍ତି, ତା’ହେଲେ ମୁଁ ରାଜନୀତିରୁ ସନ୍ୟାସ ନେବି। ସେ ପୁଣି କହିଲେ ଯେ କେନ୍ଦ୍ରମନ୍ତ୍ରୀ ଏମିତି ଚ୍ୟାଲେଞ୍ଜ ଦେଇପାରିବେ କି ? ତାଙ୍କ ଦଳ ସରକାର ନ କଲେ ସେ ରାଜନୀତିରୁ ସନ୍ୟାସ ନେବେ କି ? କେନ୍ଦ୍ରମନ୍ତ୍ରୀ ପ୍ରଥମେ ଢେଙ୍କାନାଳରୁ ପ୍ରାର୍ଥୀ ହେବା ପାଇଁ ୧୦ ବର୍ଷ କାଳ ଉଦ୍ୟମ କଲେ କିନ୍ତୁ ନାମାଙ୍କନ ବେଳକୁ ଡର ପଶିଲା, ସେ ସମ୍ବଲପୁରରୁ ଆସି ଛିଡ଼ା ହେଲେ ।

ସେ କହିଲେ ଯେ ନିର୍ବାଚନ ଆସିଲା, ତେଣୁ ବିରୋଧୀ ନେତାମାନେ ଆସି ମିଛକଥା କହିବା ଆରମ୍ଭ କଲେଣି । (ପୃଷ୍ଠା ୭ରେ)

## ବ୍ରିଜଭୂଷଣଙ୍କ ବିରୋଧରେ ଚାର୍ଜଫ୍ରେମ କଲେ କୋର୍ଟ

ନୂଆଦିଲ୍ଲୀ, ୧୦/୫

ବଡ଼ିଲା ବିଜେପି ସାଂସଦ ତଥା କୁସ୍ତି ମହାସଂଘର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂହଙ୍କ ଅଡୁଆ। ଶୁକ୍ରବାର ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ତାଙ୍କ ବିରୋଧରେ ଚାର୍ଜଫ୍ରେମ କରିଛନ୍ତି। ତାଙ୍କ ବିରୋଧରେ ୬ ଜଣ ମହିଳା ରେସଲର ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ।

କୋର୍ଟ କହିଛନ୍ତି ଯେ ୬ଟିରୁ ୫ଟି ମାମଲାରେ ଚାର୍ଜଫ୍ରେମ କରିବାକୁ ବ୍ରିଜଭୂଷଣଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ମିଳିଛି। କୋର୍ଟ ୫ଟି ମାମଲାରେ ଆଇପିସିର ଧାରା ୩୫୪ ଓ ୩୫୪ଡିରେ ଚାର୍ଜଫ୍ରେମ କରିଥିବା ବେଳେ ବ୍ରିଜଭୂଷଣଙ୍କ ବିରୋଧରେ ଥିବା ୬ଟି ମାମଲାକୁ ତଥ୍ୟ ଅଭାବରୁ ଖାରଜ କରି ଦେଇଛନ୍ତି।

ଏପ୍ରିଲ ୧୮ରେ କୋର୍ଟ ଚାର୍ଜଫ୍ରେମ ସମ୍ପର୍କରେ ରାୟ ଦେବାର ଥିଲା। କିନ୍ତୁ ବ୍ରିଜଭୂଷଣ କୋର୍ଟରେ ଗୋଟିଏ ଆବେଦନ କରିଥିଲେ। ୨୦୨୨ ସେପ୍ଟେମ୍ବର ୭ରେ ସେ କୁସ୍ତି ମହାସଂଘ ଅଫିସରେ ଥିବା ନେଇ ରିପୋର୍ଟର ପୁନଃ ଯାଞ୍ଚ ପାଇଁ ଦାବି କରିଥିଲେ। ତେବେ ତାଙ୍କ ଆବେଦନ ଏପ୍ରିଲ ୨୬ରେ ଖାରଜ ହୋଇ ଯାଇଥିଲା।

ବ୍ରିଜଭୂଷଣଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କରି ଦିଲ୍ଲୀ ପୁଲିସ୍ ଗତବର୍ଷ ଜୁନ୍‌ରେ ଚାର୍ଜସିଟ ଦାଖଲ କରିଥିଲେ। ଦିଲ୍ଲୀର (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ନୀତି

# ଶ୍ରୀମନ୍ଦିରରୁ ରଥଖଳାକୁ ହେଲା ଆଜ୍ଞାମାଳ ବିଜେ

ଭୁବନେଶ୍ୱର, ୧୦/୫
ନ୍ୟୁଜ ବ୍ୟୁରୋ



ପବିତ୍ର ଅକ୍ଷୟ ତୃତୀୟା ତଥା ଶୁକ୍ରବାର ଠାରୁ ମହାପ୍ରଭୁଙ୍କ ରଥକାଠ ଅନୁକୂଳ ହୋଇଛି। ରଥ ନିର୍ମାଣ ପାଇଁ ଅନୁକୂଳ ହୋଇଛି ରଥକାଠ। ଏଥିସହ ମହାପ୍ରଭୁଙ୍କ ନୀତି ଓ ଚନ୍ଦନଯାତ୍ରା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇ ରଥକାଠ ଅନୁକୂଳ ହୋଇଛି। ରାତି ୩ଟାରୁ ମହାପ୍ରଭୁଙ୍କର ଦ୍ୱାର ଫିଟା ନୀତି କରାଯାଇ ଅନ୍ୟାନ୍ୟ ନୀତି ମଧ୍ୟ ବଢାଯାଇଥିଲା। ମଙ୍ଗଳ ଆଳତୀ ପରେ ମଇଲମ, ଯାତ୍ରାଙ୍ଗି ମହାସ୍ନାନ, ଚନ୍ଦନବେଢା ଖଇକୋରା ଭୋଗ, ସର୍ବାଙ୍ଗ ବେଶ ସରି ଦକ୍ଷିଣ ଘର ଭୋଗ ପରେ ପ୍ରାୟ ଦିନ ୩ଟାରେ ମଧ୍ୟାହ୍ନ ଧୂପ ନୀତି ସମ୍ପନ୍ନ ହୋଇଥିଲା। ସେପଟେ ୨୧ ଦିନ ବ୍ୟାପି ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ନରେନ୍ଦ୍ର ପୁଷ୍କରିଣୀ ସଜେଇ ହୋଇରହିଛି।

# ଛତିଶଗଡ଼ରେ ପୁଣି ବଡ଼ଧରଣର ଏନ୍‌କାଉଣ୍ଟର: ୮ ମାଓବାଦୀ ନିପାତ

ମାଲକାନଗିରି, ୧୦/୫
ନ୍ୟୁଜ ବ୍ୟୁରୋ



ଛତିଶଗଡ଼ରେ ପୁଣି ନକ୍ସଲମାନଙ୍କ ବିରୋଧରେ ସୁରକ୍ଷାକର୍ମୀମାନେ ବଡ଼ଧରଣର ଏନ୍‌କାଉଣ୍ଟର କରିଛନ୍ତି। ବିଜାପୁର ଜିଲ୍ଲା ଗାଙ୍ଗାଲୁର ଥାନା ପିଡ଼ିଆ ଜଙ୍ଗଲରେ ଏହି ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୮ ଜଣ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗାଙ୍ଗାଲୁର ଥାନା ପିଡିଆ ଜଙ୍ଗଲରେ ମାଓବାଦୀମାନେ ଚଳପ୍ରଚଳ କରୁଥିବା ନେଇ ସୁରକ୍ଷାକର୍ମୀମାନଙ୍କୁ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ସୁକୁମା, ବିଜାପୁର ଓ ଦାନ୍ତେୱାଡା ଜିଲ୍ଲାର ପୁଲିସକୁ ନେଇ ଡିଆରଜି, ଏସଟିଏଫ, କୋବ୍ରା, ସିଆରପିଏଫ୍‌ର ୧୨୦୦ ଯବାନ ଉକ୍ତ ଜଙ୍ଗଲରେ ପହଞ୍ଚିଥିଲେ। ବ୍ୟାପକ ପରିମାଣର ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ ମଧ୍ୟ ସଫଳ ହୋଇ ନଥିଲେ। ବରଂ ଯବାନଙ୍କ ଗୁଳିରେ ୮ ଜଣ ମାଓବାଦୀ ନିହତ ହୋଇଥିବା (ପୃଷ୍ଠା ୭ରେ)

# ଜୁନ୍ ୧ ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ୍‌ଙ୍କୁ ମିଳିଲା ଅନ୍ତରୀଣ ଜାମିନ



ନୂଆଦିଲ୍ଲୀ, ୧୦/୫

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ଅର୍ଥ ହେରଫେର ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। କେଜ୍ରିୱାଲ୍‌ଙ୍କୁ ଏହି ଜାମିନ୍ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ମିଳିଛି। କେଜ୍ରିୱାଲଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଅନ୍ତରୀଣ ଜାମିନ ଆବେଦନ ଉପରେ ଶୁଣାଣି କରିଛନ୍ତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତ। ଦିଲ୍ଲୀର ମଦ ନୀତି ମାମଲାରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଚାଲିଥିବା ଲୋକସଭା ନିର୍ବାଚନ ପ୍ରଚାରରେ ଅଂଶଗ୍ରହଣ କରିବାକୁ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନ କରାଯାଇଥିଲା। ଯାହାକୁ ଅଦାଲତ ମଞ୍ଜୁରୀ ଦେଇଛନ୍ତି।

କୋର୍ଟ ତାଙ୍କୁ ଜୁନ୍ ୨ ତାରିଖରେ ଆସି ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୨୧ ତାରିଖରେ ଇଡି ଦ୍ୱାରା ଗିରଫ ହେବା ପରେ କେଜ୍ରିୱାଲ୍ ଏବେ ତିହାର ଜେଲରେ ଅଛନ୍ତି। ତେବେ କେଜ୍ରିୱାଲ୍‌ଙ୍କ ପକ୍ଷରୁ ଓକିଲ ଅଭିଷେକ ମନୁ ସିଙ୍ଘଭୀ ତାଙ୍କୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ୍ ଦେବାକୁ ଆବେଦନ କରିଥିବା ବେଳେ ଜଷ୍ଟିସ୍ ଖାନ୍ନା ପୂରାପୂରି ମନା କରି ଦେଇଛନ୍ତି।

ଗତ ୭ ତାରିଖରେ ସୁପ୍ରିମକୋର୍ଟ କେଜ୍ରିୱାଲଙ୍କୁ ଅନ୍ତରୀଣ (ପୃଷ୍ଠା ୭ରେ)

## ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ବାର୍ଷିକ ରିପୋର୍ଟ

# ୨୩ଟି ମାମଲାରୁ ୨୦ଟିରେ ଗିରଫ ହୋଇଛନ୍ତି ୫୨ ଅଭିଯୁକ୍ତ



ଭୁବନେଶ୍ୱର, ୧୦/୫
ନ୍ୟୁଜ ବ୍ୟୁରୋ

ପ୍ରକାଶ ପାଇଛି ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ବାର୍ଷିକ ରିପୋର୍ଟ। ବଡ଼ ବଡ଼ ଠକ, ନିଶା ମାଫିଆ ଓ ବନ୍ଧୁକ ବେପାରୀଙ୍କୁ ବାନ୍ଧି ଅପରାଧୀଙ୍କ ନିଦ ହଜାଇ ଦେଇଛି ସ୍ପେଶାଲ କ୍ରାଇମ ୟୁନିଟ୍। ବର୍ଷକରେ ମୋଟ ୨୩ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୨୦ଟି ମାମଲାରେ ୫୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୩ କେଜି ୧ ଶହ ୮୬ ଗ୍ରାମ ବ୍ରାଉନସୁଗର, ୬୯୦ କେଜି ଗଞ୍ଜେଇ, ୫ଟି ବନ୍ଧୁକ, ୨୪ଟି ଗୁଳି ଜବତ କରାଯାଇଛି । ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୯ଟି ଠକେଇ ମାମଲା ରୁଜୁ ହୋଇଛି। ୭ ମାମଲାରେ ୧୪ କୁଖ୍ୟାତ ଠକଙ୍କୁ ଗିରଫ କରାଯାଇଛି । ୧୦ଟି ନିଶା କାରବାର ମାମଲାରେ ୩୬ ମାଫିଆଙ୍କୁ ଗିରଫ କରାଯାଇଛି।

ଗତ ମାର୍ଚ୍ଚ ୨୬ରେ କୁଖ୍ୟାତ ବନ୍ଧୁକ ବେପାରୀ ସୁରଜ ପରିଡା ଓ ତପୁଧନ ବାରିକକୁ ଗିରଫ କରିଥିଲା (ପୃଷ୍ଠା ୭ରେ)

# ଓଡ଼ିଶା ମୋର କର୍ମଭୂମି, ନବୀନ ମୋର ଆଦର୍ଶ



ଭୁବନେଶ୍ୱର, ୧୦/୫ ନ୍ୟୁଜ ବ୍ୟୁରୋ

ନବୀନ ପଟ୍ଟନାୟକଙ୍କର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି, ସାଧୁତା, ସରଳ ଜୀବନଶୈଳୀ, ଦୁର୍ନୀତି ବିରୋଧୀ କଡ଼ା ଆଭିମୁଖ୍ୟ, ସମର୍ପିତ ଜନସେବା ଏବଂ ଉଚ୍ଚ ଆଦର୍ଶ ମୂଲ୍ୟବୋଧ ହିଁ ମୋତେ ପ୍ରେରଣା ଯୋଗାଇଛି। ନବୀନଙ୍କ ପ୍ରତି ଓଡ଼ିଶାବାସୀଙ୍କର ଯେଉଁ ଅକୁଣ୍ଠ ଭଲ ପାଇବା, ତାଙ୍କର ଶାସନ ବ୍ୟବସ୍ଥା ଉପରେ ଯେଉଁ ଦୃଢ଼ ଆସ୍ଥା ଓ ବିଶ୍ୱାସ ରହିଛି ତାହା ଦେଖିଲେ ଯେ କେହି ତାଙ୍କର ବ୍ୟକ୍ତିତ୍ୱ ପ୍ରତି ନିଶ୍ଚିତ ଆକର୍ଷିତ ହେବ। ସବୁ କ୍ଷେତ୍ରରେ ଓଡ଼ିଶାର ବିକାଶ ଓ ସାଧାରଣ ଲୋକଙ୍କ ସେବା ପାଇଁ ସମର୍ପିତ ସେଇ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ରାଜନୀତିରେ ତାଙ୍କର ପଦାଙ୍କ ଅନୁସରଣ କରିଛି। ଏଭଳି କହିଛନ୍ତି ୫–ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ।

ଏକ ଜାତୀୟ ଟିଭି ଚ୍ୟାନେଲକୁ ଦେଇଥିବା ସାକ୍ଷାତ୍‌କାରରେ ଶ୍ରୀ ପାଣ୍ଡିଆନ ଓଡ଼ିଶାର ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ସରକାରଙ୍କ ବିଭିନ୍ନ ଯୋଜନା–କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଭାବେ ବଖାଣିଛନ୍ତି। ସେ କହିଛନ୍ତି, ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ବିକାଶ କ୍ଷେତ୍ରରେ ନବୀନ ପଟ୍ଟନାୟକ ନିରନ୍ତର କାମ କରିଚାଲିଛନ୍ତି। କଠିନ ପରିଶ୍ରମ ଦ୍ୱାରା ହିଁ ଓଡ଼ିଶା ଆଗକୁ ଯାଇପାରିବ ସେଇ ବିଶ୍ୱାସ ରଖି ସେ ବିଭିନ୍ନ କ୍ଷେତ୍ରରେ ବିକାଶକୁ ପ୍ରାଥମିକତା ଦେଇଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଭିତ୍ତିଭୂମି, କ୍ରୀଡ଼ାଠାରୁ ଆରମ୍ଭ କରି ଶିଳ୍ପ, ପୁଞ୍ଜିନିବେଶ, ସୂଚନା ପ୍ରଯୁକ୍ତି ବିଦ୍ୟା, ଦକ୍ଷତା ବିକାଶ ଆଦି ସବୁକ୍ଷେତ୍ରରେ ଓଡ଼ିଶାକୁ ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଠିଆ କରାଇବା ପାଇଁ କାମ କରିଚାଲିଛନ୍ତି। ଅନେକ କାମ ହୋଇଛି, ଚାଲିଛି ଏବଂ ଆହୁରି ଅନେକ କାମ କରିବାକୁ ବାକି ରହିଛି। ନବୀନ କଥାରେ ନୁହେଁ କାମରେ ବିଶ୍ୱାସ ରଖିଥିବାରୁ ଓଡ଼ିଶାର ବିକାଶ କାମ ଚାଲୁ ରହିଛି ବୋଲି ସେ କହିଛନ୍ତି।

ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡିଆନ କହିଛନ୍ତି, (ପୃଷ୍ଠା ୭ରେ)

## ସାଇବର ଅପରାଧ ରୋକିବାକୁ ବଡ଼ ପଦକ୍ଷେପ

# ୨୦ ଲକ୍ଷ ମୋବାଇଲ ନମ୍ବରର କାଗଜପତ୍ର ଯାଞ୍ଚ ହେବ



ନୂଆଦିଲ୍ଲୀ, ୧୦/୫

ଦେଶରେ ବଢୁଥିବା ସାଇବର ଅପରାଧକୁ ରୋକିବା ପାଇଁ ଏକ ବଡ ପ୍ରସ୍ତୁତି ଚାଲିଛି । ସାଇବର ଅପରାଧ ଏବଂ ଆର୍ଥିକ ଠକେଇରେ ହେଉଥିବା ଟେଲିକମ ସେବାର ଦୁରୂପଯୋଗକୁ ରୋକିବା ପାଇଁ ଦୂରସଞ୍ଚାର ବିଭାଗ (ଡିଓଟି), ଗୃହ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟର ରାଜ୍ୟ ପୁଲିସ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସହଭାଗିତା ମାଧ୍ୟମରେ ସାଇବର ଠକଙ୍କ ନେଟୱାର୍କକୁ ଭାଙ୍ଗିବା ସହ ସାଧାରଣ ନାଗରିକମାନେ ବଢୁଥିବା ଡିଜିଟାଲ ବିପଦରୁ ସୁରକ୍ଷିତ ରହିବେ ।

ଟେଲିକମ୍ ମନ୍ତ୍ରଣାଳୟ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛି ଯେ ଗୃହ ମନ୍ତ୍ରଣାଳୟ ଏବଂ ରାଜ୍ୟ ପୋଲିସର ବିଶ୍ଳେଷଣ ଅନୁଯାୟୀ, ଏଭଳି ୨୮,୨୦୦ ମୋବାଇଲ ହ୍ୟାଣ୍ଡସେଟର ସୁରାକ ମିଳିଛି, ଯେଉଁଗୁଡ଼ିକୁ ସାଇବର ଅପରାଧ ଘଟାଇବା ପାଇଁ ବ୍ୟବହାର କରାଯାଇଛି। ଦୂରସଞ୍ଚାର (ପୃଷ୍ଠା ୭ରେ)

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଜାପାନ, ବ୍ରିଟେନରେ ମାନ୍ଦାବସ୍ଥା

ବିଶ୍ୱ ଅର୍ଥନୀତି ପାଇଁ ୨୦୨୪ ମସିହାର ବର୍ତ୍ତମାନ ପର୍ଯ୍ୟନ୍ତ ସମୟ ଠିକ୍ ସାବ୍ୟସ୍ତ ହୋଇନାହିଁ। ଆର୍ଥିକ ମାନ୍ଦାବସ୍ଥା ବ୍ୟାପିବାକୁ ଲାଗିଛି। ଗତବର୍ଷ ମାନ୍ଦାବସ୍ଥା ଜର୍ମାନୀକୁ ନିଜ କବ୍‌ଜାକୁ ନେଇଥିଲା। ଏବେ ବ୍ରିଟେନରେ ପହଞ୍ଚି ସାରିଥିବାବେଳେ ଜାପାନ ଆକାଶରେ ଏହା ଘୂରିବୁଲୁଛି। ଡିସେମ୍ବରରେ ଶେଷ ହୋଇଥିବା ତ୍ରୟମାସରେ ଜାପାନର ଜିଡିପି ୦.୧ ପ୍ରତିଶତ ସଂକୁଚିତ ହୋଇଛି। ବ୍ରିଟେନର ଜିଡିପି ସେପ୍ଟେମ୍ବର ତ୍ରୟମାସରେ ୧ ପ୍ରତିଶତ କମିଥିବାବେଳେ ଡିସେମ୍ବର ତ୍ରୟମାସରେ ୦.୩ ପ୍ରତିଶତ ହ୍ରାସ ଘଟିଛି। ଏଭଳି ସ୍ଥିତିରେ ୟୁରୋପର ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଜର୍ମାନୀ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଜାପାନକୁ ପଛରେ ପକାଇ ଏହାର ସ୍ଥାନ ହାସଲ କରିଛି। ଜର୍ମାନୀ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାଦ୍ୱାରା ଜାପାନ ଚତୁର୍ଥ ସ୍ଥାନକୁ ଖସିଯାଇଛି।

୨୦୨୩ରେ ଜର୍ମାନୀର ଜିଡିପି ୦.୩ ପ୍ରତିଶତ ସଂକୁଚିତ ହୋଇଥିଲା। ଏଭଳି ସ୍ଥିତିରେ ଜାପାନ ଅର୍ଥନୀତିର ଅଭିବୃଦ୍ଧି ଗତବର୍ଷ ୧.୯ ପ୍ରତିଶତ ହୋଇଥିଲା। ଏହାପରେ ଜର୍ମାନୀର ଜିଡିପି ଆକାର ୪.୫ ଟ୍ରିଲିଅନ ଡଲାର ହୋଇଥିବାବେଳେ ଜାପାନ ଅର୍ଥନୀତିର ଆକାର ୪.୨ ଟ୍ରିଲିଅନ ଡଲାର ରହିଛି। ଡଲାର ତୁଳନାରେ ଜାପାନୀ ମୁଦ୍ରା ୟେନ୍‌ର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ଗତ ୨ ବର୍ଷରେ ୟେନ ମୂଲ୍ୟରେ ପ୍ରାୟ ୨୦ ପ୍ରତିଶତ ହ୍ରାସ ଘଟିଛି। ଫଳରେ ଜାପାନ ଅର୍ଥନୀତିର ଅଭିବୃଦ୍ଧି ହୋଇଥିଲେ ମଧ୍ୟ ଏହାର ଆକାର କମିଛି। ଏବେ ବିଶ୍ୱର ସବୁଠୁ ବଡ଼ ଅର୍ଥବ୍ୟବସ୍ଥା ଯୁକ୍ତରାଷ୍ଟ୍ର ଆମେରିକା ଥିବା ବେଳେ ଦ୍ୱିତୀୟରେ ଚୀନ ରହିଛି। ପ୍ରାୟ ୩.୭୫ ଟ୍ରିଲିଅନ ଡଲାର ଜିଡିପି ସହ ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ଅନନ୍ତ ଚିନ୍ତନ

ନକାରା ସକାରମ୍ବରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
(କ୍ରମଶଃ)

## ଏଣୁ ତେଣୁ

# କାବ୍ୟ କୌଣ୍ଡିନ୍ୟ-୪୪

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ଚଳିତ ଗୀତରେ ବିବାହ ପରେ ସୋମା ଓ କୌଣ୍ଡିନ୍ୟ କିପରି ସୋମାଙ୍କ ପରିବାରଠାରୁ ବିଦାୟ ନେଇ ନିଜ କର୍ମସ୍ଥଳି କମ୍ବୁଜକୁ ଆସିଲେ ତାହା ସୂଚିତ ହୋଇଛି। ଏହା ଦ୍ରଷ୍ଟବ୍ୟ ଯେ ଏହି ଗୀତ ସହିତ ଏହା ପୂର୍ବର ୧୫ଟି ଗୀତରେ ଏ ପାତାଳପୁର ଗମନ ଓ ବିବାହ ଉପାଖ୍ୟାନଟିର ପରିସମାପ୍ତି ଘଟିଲା। ଏହି ଘଟଣାର ପ୍ରାରମ୍ଭିକ ଗୀତମାନଙ୍କରେ ଏହି କଥାବସ୍ତୁର ଉତ୍ପତ୍ତି ଅଦ୍ୟାବଧି ପ୍ରଚଳିତ ଅନେକ କିମ୍ବଦନ୍ତୀରୁ ବୋଲି କୁହାଯାଇଥିଲା। କିମ୍ବଦନ୍ତୀ ସର୍ବଦା ଅନେକ ଅଲୌକିତ କଥାବିନ୍ଦୁଙ୍କୁ ଦେଇ ଗଠିତ। କିନ୍ତୁ ଅନେକ କ୍ଷେତ୍ରରେ ଏ କିମ୍ବଦନ୍ତୀମାନଙ୍କରେ ଅନ୍ତତଃ କିଛିଟା ଐତିହାସିକ ସତ୍ୟତା ଥିବାର ପରିଲକ୍ଷିତ ହୋଇଥାଏ। ଯେପରି କି ଏ କ୍ଷେତ୍ରରେ ପାତାଳ ଗମନ ସମୟ ଓ ବିବାହ ସମୟରେ ଏ ଦ୍ୱୟଙ୍କ ପିନ୍ଧା ଯାଇଥିବା ବସ୍ତ୍ର ଆଜି ପର୍ଯ୍ୟନ୍ତ କମ୍ବୋଡିଆ, ଥାଇଲାଣ୍ଡ, ଲାଓସ୍ ଆଦିରେ ପାରମ୍ପରିକ ବିବାହକାଳୀନ ପରିଧାନ ଭାବେ ପ୍ରଚଳିତ ହେଉଅଛି। ଏପରି କି କମ୍ବୋଡିଆ ରାଜଧାନୀର ଅନତି ଦୂରରେ ସୋମା ଓ କୌଣ୍ଡିନ୍ୟଙ୍କ ଏହି ବେଶର ବିରାଟ ମୂର୍ତ୍ତି ୨୦୨୨ ମସିହାରେ ସରକାରଙ୍କଦ୍ୱାରା ସ୍ମାରକୀ ଭାବେ ସ୍ଥାପିତ ହୋଇଅଛି। ଏହି ଆଧାରରେ ସମସ୍ତ ଅଲୌକିକ କଥାଂଶକୁ ବାଦ ଦେଇ ଆମ୍ଭେ ସିଦ୍ଧାନ୍ତରେ ଉପନୀତ ହୋଇଛୁ କି ସୋମା-କୌଣ୍ଡିନ୍ୟ ଏ ବସ୍ତ୍ର ପିନ୍ଧି ପାତାଳ ଯାଇ ବିବାହ କରିଥିବା ଇତିହାସ ସମ୍ମତ ବୋଲି ପରିଗଣିତ କରାଯାଇପାରିବ। ସୁଧୀ ପାଠକେ ଏହାର ବିଚାର କରିବେ। ଅତଃ ନିମ୍ନରେ ମୋର ଚିରାଚରିତ ରୀତି ଅନୁସାରେ 'ସ/ଶ' ଅକ୍ଷରକୁ ପ୍ରତି ଅଂଶର ପ୍ରଥମ ଅକ୍ଷର ଭାବେ ରଖି ରଚିତ କ୍ଷୁଦ୍ର ଗୀତଟି ନିମ୍ନରେ ଉପସ୍ଥାପନ କଲି।

### ସୋମା-କୌଣ୍ଡିନ୍ୟଙ୍କ ପାତାଳପୁରରୁ ବିଦାୟ



ସଜଳ ନୟନେ ଶୁଭ ବିବାହାନ୍ତେ
ସ୍ୱଜନେ ଦେଲେ ବିଦାୟ
ସୁଖେ ଦୁଃଖେ କନ୍ୟା ସ୍ୱାମୀ ସହ ଯାଏ
ସ୍ୱଧର୍ମ ପାଳନର୍ଥାୟ ।।୧।।

ସୋମା ଏ ପ୍ରକାର ସ୍ୱଜ୍ଞାତିଙ୍କୁ ତ୍ୟାଗି
ସଂସାର ରୀତି ପାଳିଣ
ସଖୀ ଜ୍ଞାତିଙ୍କର ଶୁଭେଚ୍ଛାରେ କଲେ
ଶ୍ୱଶୁରାଳୟ ଗମନ ।।୨।।

ସୁସଜ୍ଜିତ ନାବ ସଂପଦରେ ପୂର୍ଣ୍ଣ
ସୈନ୍ୟ ଆଦି ସନ୍ନିହିତ
ସାଗର କୂଳରେ ସମାଗମ ହେଲେ
ସୋମାଙ୍କ ଅପେକ୍ଷାରତ ।।୩।।

ସତ୍ୱର ଡାକିଲେ ସୋମାଙ୍କର ପିତା
ସର୍ବେ ହୁଅ ଏକତ୍ରିତ
ସମସ୍ତେ ଆସନ୍ତେ ସଂଦର୍ପେ ନାବିକ
ଶୀଘ୍ର ହେଲେ କାର୍ଯ୍ୟରତ ।।୪।।

ସୁନ୍ଦର ଆକାଶ ସୌମ୍ୟ ପରିବେଶ
ସାଗରେ ସଂଚରିଦ୍ରୁତ
ସବୁ ନାବମାନ ସାଗର କମ୍ବୁଜେ
ଶେଷେ ହେଲେ ଉପନୀତ ।।୫।।

ସମସ୍ତେ ଆନନ୍ଦ ସୁଖଦ ଯାତ୍ରାରେ
ସମ୍ବାଦରେ ପ୍ରଜାଗଣ
ସତ୍ୱର ଆସନ୍ତି ସମୁଦ୍ର ତୀରକୁ
ସମାପ୍ତେ ଦୁର୍ଗାଚରଣ ।।୬।।

**ଶବ୍ଦାର୍ଥ**

**ପଦ (୧)ରୁ ଶେଷ ପର୍ଯ୍ୟନ୍ତ** : ସଜଳ-ଲୁହଭରା। ଜ୍ଞାତି-ଭକ୍ତସମ୍ବନ୍ଧୀୟ ଲୋକ। ଶ୍ୱଶୁରାଳୟ-ଶଶୁରଙ୍କ ଘର। ସନ୍ନିହିତ-ସମ୍ମିଳିତ ରହି। ସତ୍ୱର-ଶୀଘ୍ର। ଉପନୀତ-ପହଞ୍ଚିବା। ସମ୍ବାଦରେ-ଖବର ପାଇ।

# ନଦୀର ନାଗରିକତ୍ୱ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ-୯୪୩୭୬୪୨୯୪୭

କିଛିଦିନ ତଳେ ଖବରରେ ପ୍ରକାଶିତ ହେଲା ଚେନ୍ନାଇ ହେଉଛି ଦେଶର ପ୍ରଥମ ସହର, ଯେଉଁଠାରେ ଭୂତଳ ଜଳ ସମ୍ପୂର୍ଣ୍ଣ ସରି ଯାଇଛି। ଜଳର ଉତ୍ସ ଆମେ କରିଥିବା ଅହେତୁକ ବିକାଶକୁ ଉପହାସ କରିଛି । ସମୟ ଥିଲା ଯେତେବେଳେ ଚିରସ୍ରୋତା ନଦୀମାନେ ଗାଁ ଗୁଡ଼ିକରେ ବାର ମାସ ପ୍ରବାହିତ ହେଉଥିଲେ। କିନ୍ତୁ ଏବେ ସ୍ଥିତି ବିପରୀତ। ବର୍ଷା ସରିଲାକି, ନଦୀଗୁଡ଼ିକ ମଧ୍ୟ ସେମାନଙ୍କ କଳକଳ ଶବ୍ଦ ବନ୍ଦ କରିଦିଅନ୍ତି । ନଦୀ ଦେଶର ୨୬ ପ୍ରତିଶତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ ଏବଂ ପ୍ରାୟ ୪୩ ପ୍ରତିଶତ ଜନସଂଖ୍ୟା ଏହା ସହିତ ସଂଯୁକ୍ତ । ଜର୍ମାନୀର ସେଣ୍ଟର ଫର୍ ମେରିନ୍ ଟ୍ରପିକାଲ ଇକୋଲୋଜିର ଗବେଷକ ତଥା ଯୁବ ବୈଜ୍ଞାନିକ ଶିଲି ଡେଭିଡ୍ କେରଳର ପମ୍ବା ନଦୀ ଉପରେ ଗବେଷଣା କରିଛନ୍ତି। ତଥ୍ୟ ଅନୁଯାୟୀ ପାଣିରେ ଅମ୍ଳଜାନର ମାତ୍ରା କମିବା ମାତ୍ରେ ନଦୀ ଭିତରେ ଚାଲୁଥିବା ପରିବେଶ ମରିବାକୁ ଲାଗିଥାଏ। ଏକ ନିର୍ଦ୍ଦିଷ୍ଟ ସମୟ ପରେ ବୈଜ୍ଞାନିକ ଭାଷାରେ ନଦୀକୁ ମୃତ ଘୋଷଣା କରାଯାଏ । ଗୋଟିଏ ନଦୀ ମରିଗଲେ ତାକୁ ପୁନର୍ବାର ଜୀବନ୍ୟାସ ପାଇଁ ଅତି କମରେ ତିରିଶରୁ ଚାଳିଶ ବର୍ଷ ସମୟ ଲାଗିଥାଏ। ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀରେ ଶିଳ୍ପାୟନ ହେତୁ ୟୁରୋପର ଅନେକ ନଦୀରେ ଏହି ଅବସ୍ଥା ଦେଖିବାକୁ ମିଳିଛି । କେତେକ ନଦୀ ଏବେ ବି ସଂପୂର୍ଣ୍ଣ ଜୀବନ୍ତ ହୋଇପାରିନାହାନ୍ତି।

ଭାରତର ନଦୀଗୁଡ଼ିକ ମୁଖ୍ୟତଃ ବର୍ଷା ଜଳ ଦ୍ୱାରା ପୋଷିତ ହୋଇଥାଏ । ବର୍ଷା ଋତୁ ସରିବା ପରେ ମଧ୍ୟ ବାରମାସ ନଦୀ ପ୍ରବାହିତ ହେବା ପାଇଁ , ଗଛ ଓ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ନଦୀ ହେଉଛି ଜୀବନଦାୟକ । ନଦୀ ନିକଟରେ ଆମର ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ବିକାଶ ହୋଇଥିଲା। ଏହି ନଦୀଗୁଡ଼ିକ ଦେଶର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ଆଧାର। ଆଶ୍ଚର୍ଯ୍ୟର କଥା ହେଉଛି ଦେଶର ୫୨୧ଟି ନଦୀର ଜଳ ଉପରେ ନଜର ରଖିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ ଦେଶର ମାତ୍ର ୧୯୮ଟି ନଦୀ ପରିଷ୍କାର ରହିଛି। ସେଥିମଧ୍ୟରୁ ଅଧିକାଂଶ କ୍ଷୁଦ୍ର ନଦୀ। ଦେଶର ବଡ଼ ବଡ଼ ନଦୀଗୁଡ଼ିକ କୌଣସି ନା କୌଣସି ଉପାୟରେ ନିଜ ଅସ୍ତିତ୍ୱକୁ ବଞ୍ଚାଇ ରଖିଛନ୍ତି, କିନ୍ତୁ ସେମାନଙ୍କୁ ଜଳ ଯୋଗାଉଥିବା ଅଧିକ କ୍ଷୁଦ୍ର ନଦୀ ଶୁଖିଯାଇ ଅଦୃଶ୍ୟ ହୋଇଗଲେଣି । ଡବ୍ଲୁଆରଆଇ ଅନୁଯାୟୀ ଜଳ ସଙ୍କଟ କ୍ଷେତ୍ରରେ ଭାରତ ବିଶ୍ୱରେ ତ୍ରୟୋଦଶ ସ୍ଥାନରେ ରହିଛି। ଏହି କ୍ଷେତ୍ରରେ ଭାରତ ପାଇଁ ବଡ଼ ଚ୍ୟାଲେଞ୍ଜ, କାରଣ ଜଳ ଚାପର ସମ୍ମୁଖୀନ ହେଉଥିବା ଅନ୍ୟ ସମସ୍ୟାଗ୍ରସ୍ତ ଦେଶ ତୁଳନାରେ ଏହାର ଜନସଂଖ୍ୟା ତିନି ଗୁଣ ଅଧିକ। ନଦୀର ସଂଜ୍ଞାରେ କୁହାଯାଇଛି ଯେ 'ବରଫ, ଭୂତଳ ଜଳ ଏବଂ ବର୍ଷା ଜଳରୁ ଉତ୍ପତ୍ତି , ଯାହା ନିରନ୍ତରତା, ଶୁଦ୍ଧତା ଏବଂ ସ୍ୱାଧୀନତା ସହିତ ସଙ୍ଗମ ପର୍ଯ୍ୟନ୍ତ ପ୍ରବାହିତ ହୁଏ ଏବଂ ଯାହା ଶତାବ୍ଦୀ ଧରି ସୂର୍ଯ୍ୟ, ବାୟୁ ଏବଂ ପୃଥିବୀକୁ ମୁକ୍ତ ଭାବରେ ସ୍ପର୍ଶ କରି ଆସୁଛି, ଯାହା ଜୀବଜନ୍ତୁର ସୃଷ୍ଟିର ଆଧାର ସହିତ ଜୀବଜଗତ ପାଇଁ ପୁଷ୍ଟିକର ସମ୍ପର୍କକୁ ସଂଯୋଗ କରି ପ୍ରବାହିତ ହେଉଛି'। ଦେଶର ୭୦ ପ୍ରତିଶତ ନଦୀ ପ୍ରଦୂଷିତ ହୋଇ ମୃତ୍ୟୁ ମୁଖରେ ରହିଛି। ସେଥିମଧ୍ୟରୁ ଗୁଜରାଟର ଅମ୍ଳାଖେଡି, ସାବରମତୀ ଓ ଖାରୀ, ଆନ୍ଧ୍ରପ୍ରଦେଶର ମୁନ୍ନି, ଦିଲ୍ଲୀର ଯମୁନା, ମହାରାଷ୍ଟ୍ରର ଭୀମା, ହରିୟାଣାର ମାର୍କଣ୍ଡା, ଉତ୍ତରପ୍ରଦେଶର କାଳୀ ଓ ହିନ୍ଦୋନ ନଦୀ ସବୁଠାରୁ ଅଧିକ ପ୍ରଦୂଷିତ । ଗଙ୍ଗା, ନର୍ମଦା, ତାପ୍ତି, ଗୋଦାବରୀ, କ୍ରିଷ୍ଣା, କାବେରୀ, ମହାନଦୀ, ବ୍ରହ୍ମପୁତ୍ର, ସତଲେଜ, ରାବି, ବ୍ୟାସ, ଜେଲମ୍ ଓ ଚେନାବଙ୍କ ଅବସ୍ଥା ମଧ୍ୟ ଖରାପ ।ଉଭୟ ମଣିଷ ଓ ପ୍ରକୃତି ପରସ୍ପର ପ୍ରତିଶବ୍ଦ । ନ୍ୟୁଜିଲାଣ୍ଡର ସଂସଦ ତୃତୀୟ ବୃହତ୍ତମ ନଦୀ ୱାଙ୍ଗାନୁଇକୁ ଜଣେ ନାଗରିକଙ୍କ ଭଳି ଅଧିକାର ଦେଇଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଆଜି ବି କେବଳ ନ୍ୟୁଜିଲାଣ୍ଡ ନୁହେଁ, ଭାରତର ଆଦିବାସୀମାନେ ନିଜ ଆଖପାଖରେ ଥିବା ନଦୀଗୁଡ଼ିକୁ ନିଜ ପୂର୍ବପୁରୁଷ ଭାବେ ବିବେଚନା କରି ପୂଜା କରିଥାନ୍ତି। ଏହାପରେ କଲମ୍ବିଆ, ଅଷ୍ଟ୍ରେଲିଆ, ଆମେରିକା ଇତ୍ୟାଦି ବିଶ୍ୱର ବିଭିନ୍ନ ସ୍ଥାନରେ ସମାନ ଆଇନ ପ୍ରଣୟନ କରାଯାଇଥିଲା । ଭାରତରେ ମଧ୍ୟ ଉତ୍ତରାଖଣ୍ଡ ହାଇକୋର୍ଟ ନ୍ୟୁଜିଲାଣ୍ଡର ଏହି ଆଇନଗତ ପରିବର୍ତ୍ତନରୁ ପ୍ରେରଣା ନେଇ ଗଙ୍ଗା-ଯମୁନା, ସେମାନଙ୍କର ଶାଖା ନଦୀ, ଗ୍ଲେସିୟର, ଝରଣା ଏବଂ ନଦୀଗୁଡ଼ିକର ଜଳରେ ଯୋଗଦାନ କରୁଥିବା ଉପକୂଳବର୍ତ୍ତୀ ଅଞ୍ଚଳକୁ ଜୀବନ୍ତ ଆଇନଗତ ବ୍ୟକ୍ତିଙ୍କ ମାନ୍ୟତା ପ୍ରଦାନ କରିଥିଲେ। କିନ୍ତୁ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁଁ ଅନେକ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଉତ୍ତରାଖଣ୍ଡ ସରକାର ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିବାରୁ ପରେ ଏହି ଆଦେଶ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଥିଲେ। ଦେଶରେ ବର୍ଷକୁ ପାଖାପାଖି ୪ହଜାର ବିଲିୟନ କ୍ୟୁବିକ୍ ମିଟର ଜଳ ବର୍ଷା ଜଳ ଭାବରେ ମିଳିଥାଏ, କିନ୍ତୁ ଆମେ ଏହାର ମାତ୍ର ୮ ପ୍ରତିଶତ ସଂରକ୍ଷଣ କରିବାରେ ସକ୍ଷମ । ଅବଶିଷ୍ଟ ଜଳ ନଦୀ, ଝରଣା ଦେଇ ପ୍ରବାହିତ ହୋଇ ସମୁଦ୍ରକୁ ଯାଇଥାଏ। ଆମ ର ସାଂସ୍କୃତିକ ପରମ୍ପରାରେ ବର୍ଷା ଜଳ ସଂରକ୍ଷଣ ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା, ଯେଉଁଥିପାଇଁ ବିଭିନ୍ନ ସ୍ଥାନରେ ପୋଖରୀ, ବନ୍ଧ, କୂପ ଇତ୍ୟାଦି ନିର୍ମାଣ କରାଯାଇଥିଲା । ସେମାନେ ବର୍ଷ ବର୍ଷ ଧରି ପାଣି ସଂଗ୍ରହ କରୁଥିଲେ ଏବଂ ପଶୁ ଏବଂ ମନୁଷ୍ୟଙ୍କ ପାଇଁ ବର୍ଷ ସାରା ଉପଲବ୍ଧ ହେଉଥିଲେ । ଆଜି ସ୍ଥିତି ଗମ୍ଭୀର ହେବାରେ ଲାଗିଛି, କିନ୍ତୁ ଆମର ମୁଖ୍ୟ ଧ୍ୟାନ ଅନ୍ୟତ୍ର ରହିଛି। ଅଧିକାଂଶ ରାଜନୈତିକ ଦଳର ଇସ୍ତାହାରରେ ଏହି ନଦୀ ବିଷୟରେ ଖୁବ୍ କମ୍ ଶୁଣିବାକୁ ମିଳେ। ଏହା ଆମର ରାଜନୈତିକ ଚେତନାର ଅଭାବ ନୁହେଁ କି ? ଦେଶର ସବୁଠାରୁ ପବିତ୍ର ନଦୀ କୁହାଯାଉଥିବା ଗଙ୍ଗା ବିଷୟରେ କୁହାଯାଏ ଯେ ଯେତେବେଳେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଜାହାଜମାନେ ଯାତ୍ରା କରୁଥିଲେ, ସେତେବେଳେ ସେମାନେ ପିଇବା ପାଇଁ ଗଙ୍ଗା ଜଳ ନେଇ ଯାଉଥିଲେ, ଯାହା ଇଂଲଣ୍ଡରେ ପହଞ୍ଚିବା ପରେ ମଧ୍ୟ ଖରାପ ହେଉନଥିଲା । ବ୍ରିଟିଶ ସେନା ମଧ୍ୟ ଯୁଦ୍ଧ ସମୟରେ ଗଙ୍ଗା ଜଳ ସାଙ୍ଗରେ ନେଇ ଯାଉଥିଲେ, ଯାହା ଆହତ ଯବାନଙ୍କ କ୍ଷତକୁ ଧୋଇ ଦେଉଥିଲା । ଏହା ଦ୍ୱାରା ସେମାନେ ସଂକ୍ରମଣରୁ ରକ୍ଷା ପାଉଥିଲେ । ଆଜି ପରିସ୍ଥିତି ଏପରି ହୋଇଛି ଯେ ଅନେକ ସ୍ଥାନରେ ଗଙ୍ଗାର ପାଣି ପିଇବା ପାଇଁ ଉପଯୁକ୍ତ ନୁହେଁ। ଆମର ଭାବନା ତଥା କର୍ମକୁ ଭୂମିରେ ରଖି ବିକାଶକୁ ପୁନଃସଂକଳ୍ପିତ କରିବାର ଆବଶ୍ୟକତା ରହିଛି । ଉଲ୍ଲେଖଯୋଗ୍ୟ ଯେ ନଦୀଗୁଡ଼ିକ ଆମ ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି।

# ଗଣତନ୍ତ୍ର ମହା ପର୍ବରେ ସାକ୍ଷୀ ରହିବା



ସିତାଂଶୁ ଶେଖର ମିଶ୍ର
ସୋନପୁର
ଦୂରଭାଷ.୮୧୪୪୮୭୦୭୨୯

ଗଣତନ୍ତ୍ରର ମହାପର୍ବ ପାଖେଇ ଆସିଲାଣି । ୧୪୦ କୋଟି ଜନସାଧାରଣଙ୍କ ଭିତରେ ନୂତନ ଉଦ୍ଦୀପନା ଉତ୍ସାହ ଆଲୋଚନା ଆରମ୍ଭ ହୋଇଛି। ଗ୍ରୀଷ୍ମପ୍ରବାହର ପ୍ରଚଣ୍ଡ ରୌଦ୍ରତାପକୁ ଖାତିର୍ ନାହିଁ। ଏହାକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଯେଉଁ ଉଷ୍ଣତା ପ୍ରକାଶ ପାଇଛି ତାହା ବର୍ତ୍ତମାନର ପ୍ରବଳ ଖରାର ପ୍ରକୋପକୁ ଫିକା କରିଦେଇଛି।

ଗଣତନ୍ତ୍ରର ଏହି ମହାନ୍ ପର୍ବକୁ ନେଇ ଏବେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଗତିବିଧି ତେଜ୍ ଧରିଛି। ଏହି ପରିପ୍ରେକ୍ଷିରେ ଏଥର ନିର୍ବାଚନ ଏକ ଐତିହାସିକ ନିର୍ବାଚନ ହେବ ବୋଲି ମଧ୍ୟ ଆଶା କରାଯାଉଛି। ଜନସାଧାରଣ ବେଶ ସଚେତନ ହୋଇ ନିଶ୍ଚୟ ଏହି ମହାନ୍ ପର୍ବରେ ଅଂଶ ଗ୍ରହଣ କରିବା ପାଇଁ ସଂକଳ୍ପ ନେଉଥିବା ଦେଖିବାକୁ ମିଳୁଛି। ଏହି ମହାନ୍ ପର୍ବରେ ଯେତିକି ସଂଖ୍ୟାରେ ଭୋଟ୍ ବଢ଼ିବ ସେତିକି ମାତ୍ରାରେ ଗଣତନ୍ତ୍ର ସୁଦୃଢ ହୋଇପାରିବ ।ଉପଯୁକ୍ତ ପ୍ରାର୍ଥୀ ଚୟନ କରାଯାଇପାରିବ। ଚୟନ ପ୍ରକ୍ରିୟା ବେଳେ ମନ ବିଚଳିତ ହେବା କଥା ନୁହଁ।ସତର୍କତା ସହ ଚୟନ ପ୍ରକ୍ରିୟା ରେ ଅଂଶ ଗ୍ରହଣ କରିଥିବା ମଧ୍ୟରୁ ଦଳମତ ନିର୍ବିଶେଷରେ ନିଜର ମାଟିର ସହାୟକ ହୋଇପାରିବ ବୋଲି ବିଶ୍ୱାସ ଆସୁଥିବା ପ୍ରାର୍ଥୀ ଚୟନ ଉପରେ ଗୁରୁତ୍ୱ ରହିଲେ ମନରେ ପରେ ପଶ୍ଚାତାପ ଆସିବ ନାହିଁ। ମାଟିର ମହକରେ ନିଶ୍ଚୟ ଚମକ ଆସି ଚତୁର୍ଦ୍ଦିଗକୁ ଚହଟି ଯିବ। ଯଦ୍ୱାରା ମାଆ ମାଟି ସହ ଜନସାଧାରଣଙ୍କ ମଧ୍ୟରେ ଏକ ବିରାଟ ପରିବର୍ତ୍ତନ ଆଣିଦେବ। ସେଥିପାଇଁ ମନରେ ବିଶ୍ୱାସ ଆସିବ ଯେଉଁମାନେ ନିର୍ବାଚିତ ହେବେ ସମ୍ବିଧାନ ମୁତାବକ ଶପଥ ନେଇ ଜନସାଧାରଣ ଙ୍କ ସୁଖ ଦୁଃଖରେ ଭାଗିଦାରୀ ହେବେ। ସର୍ବୋପରି ରାଷ୍ଟ୍ର ଓ ରାଜ୍ୟର ସୁରକ୍ଷା ଏମାନଙ୍କ ହାତରେ ସୁରକ୍ଷିତ ରହିପାରିବ।

ତେଣୁ ସଶକ୍ତ ଗଣତନ୍ତ୍ରର ଏହି ପର୍ବରେ ସାମିଲ୍ ହୋଇ ନିଜକୁ ଗର୍ବିତ ଅନୁଭବ କରିବା। ଗୋଟାଏ ଭୋଟର ମୂଲ୍ୟ ମଧ୍ୟ ବେଶ ମୂଲ୍ୟବାନ୍ ପ୍ରମାଣିତ ହୋଇଥାଏ। ତେଣୁ ନିଶ୍ଚୟ ଭୋଟ୍ ଦେବା ଆଉ ଆମ ଗଣତନ୍ତ୍ରକୁ ସଶକ୍ତ କରିବା। ବିନା ଭୟ , ଦ୍ୱିଧା ,ଲୋଭନୀୟ କଥାରେ ଭାସିନଯାଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ୍ ଦେବା। ଆମେ ଭୋଟ୍ ଦେବାବେଳେ ଗୋଟାଏ କଥାକୁ ମନେରଖିବା ଉଚିତ୍ ହେବ ସେହିଭଳିଆ ପ୍ରାର୍ଥୀ ଉପରେ ମୋହର ଲଗାଇବା ଠିକ୍ ହେବ ଯାହା ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିବା ।କାରଣ ସେ ନିର୍ବାଚିତ ହେଲେ ମାଟି ପାଇଁ ଉପକାରୀ ସାବ୍ୟସ୍ତ ହୋଇପାରିବ। ଏହା ସହ ନିଜର ମାଟି ମାଆର ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବ। ଆଉ ଏକ କଥାକୁ ନେଇ ଉଚିତ୍ ବିଚାର ଆଣିବାକୁ ହେବ ତାହାହେଲା ବ୍ୟକ୍ତିତ୍ୱ ସହ ନିର୍ବାଚନରେ କିଏ ରାଷ୍ଟ୍ର ଓ ରାଜ୍ୟର ସୁରକ୍ଷା ସକାଶେ ହିତ ସାଧିତ ହେବ।

ନିର୍ବାଚନ ପରେ ପରେ ଶପଥ ଗ୍ରହଣ କରିବା ଦିନ ଠାରୁ ନଚେତ୍ ନିଜ ନିଜର ବାହାଦୁରୀ ନେବାର ଦେଖିବାକୁ ମିଳିବ ଯାହା ଏବେ ଦେଖିବାକୁ ମିଳୁଛି। ଗାଇ ଚାଲିବେ ସେମାନେ କରିଥିବା କାର୍ଯ୍ୟ ସବୁର ବିକାଶର ଗାଥା। ଏହାକୁ ବିରୋଧି ବିରୋଧ କରିବେ। ତୁତୁ ମେମେ ଆରମ୍ଭ ହୋଇଯିବ । ବିଜୟୀ ଦଳ କହିବେ ଜନତା ଜନାର୍ଦ୍ଦନ ଯେଉଁ ଜନାଦେଶ ଦେଲେ ତାହା ହେଉଛି ବିକାଶର ଜନାଦେଶ। ବିରୋଧି କହିବେ ବ୍ୟାପକ କଳ, ବଳ, ଧନର ଦୁରପଯୋଗ ଯୋଗୁଁ ଏହି ଭଳିଆ ଜନାଦେଶ ସମ୍ଭବ ହେଇଛି। ନଚେତ୍ ଜନାଦେଶ ଆମ ସପକ୍ଷରେ ରହିଥିଲା।

ଏପରିକି ଶେଷରେ ଇଭିଏମ୍‌କୁ ନେଇ ମଧ୍ୟ ବିତର୍କ ହୋଇଥାଏ। ଏହା ହେଉଛି ଚିରାଚରିତ ଢଙ୍ଗରେ ଆରୋପ ପ୍ରତ୍ୟାରୋପ। ସେ ଯାହାବି ହେଉ ଗଣତନ୍ତ୍ର ପ୍ରକ୍ରିୟାରେ ଭାଗ ନେବାର ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅଟେ। ଜଣେ ସଚେତନ ନାଗରିକ ଭାବରେ ସମାଜରେ କିଭଳି ଭାବରେ ଉତ୍ତମ ଚରିତ୍ରବାନ ବ୍ୟକ୍ତିତ୍ୱ ଏହି ଧାରରେ ଅଧିକରୁ ଅଧିକ ସାମିଲ୍ ହୋଇ ଗଣତନ୍ତ୍ର ନିର୍ବାଚନ ମଇଦାନକୁ ଆସିବେ ସେ କ୍ଷେତ୍ରରେ ମଧ୍ୟ ପ୍ରୟାସ ରହିଲେ ସଶକ୍ତ ରାଷ୍ଟ୍ର ଓ ରାଜ୍ୟ ଗଠନରେ ସହାୟକ ହୋଇପାରିବ। ସେ ଯେତେ ଯାହା ହେଉନା କାହିଁକି ସରକାର ଗଠନକୁ ନେଇ ଯେଉଁ ପ୍ରାବଧାନ ରହିଛି ଗଣତନ୍ତ୍ର ଶାସନରେ। ତାହାହେଲା ଜନସାଧାରଣଙ୍କ ଦ୍ୱାରା ଜନାଦେଶ ପାଇ ଆସିବାକୁ ହେବ। ସେମାନେ ଯେତେ ଯାହା କରିଥିଲେ ମଧ୍ୟ ଶେଷରେ ଜନତାଙ୍କ ପାଖରେ ଶରଣାପନ୍ନ ହୋଇଥାନ୍ତି। ସବୁବେଳେ ଯେ ଖାଲି ବିକାଶକୁ ନେଇ ଯେ ନିର୍ବାଚନ ବୈତରଣୀ ପାର କରିହେବ ସେ ଗଣିତ ମଧ୍ୟ ଭୁଲ୍ ସାବ୍ୟସ୍ତ ହୋଇଥାଏ। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବ୍ୟକ୍ତିତ୍ୱର ବିଗତ ଦିନର ଆଚାର ବ୍ୟବହାର ଏକ କାରଣ ହୋଇଥାଏ। ବ୍ୟକ୍ତିତ୍ୱ ଯେତେ ଜ୍ଞାନୀ ମାନୀ ଧନୀ ହୋଇଥିଲେ ମଧ୍ୟ ଯଦି ଚରିତ୍ରରେ କଳଙ୍କ ରହିଲା କିମ୍ବା ଜନସାଧାରଣଙ୍କୁ ବିଦ୍ରୁପ କରୁଥାନ୍ତି ସେହି ଭଳି ପ୍ରାର୍ଥୀ ମଧ୍ୟ ପରାଜିତ ବରଣ କରିଥିବା ଇତିହାସ ପୃଷ୍ଠାରୁ ଜଣାଯାଏ।

ବିଗତ ଦିନଗୁଡିକରେ ଯଦି ଗୋଟାଏ ବ୍ୟକ୍ତିଙ୍କୁ ଯେକୋଣସି ଦଳ ପ୍ରାର୍ଥୀ କରିଥାନ୍ତି ତାକୁ ମଧ୍ୟ ଲୋକ ପରଖିଥାନ୍ତି। ସେଥିପାଇଁ ନିର୍ବାଚନ ବେଳେ ଭୋଟର ଅନେକ ଗୁଡ଼ିଏ କଥା ପ୍ରତି ନିଜର ଆଭିମୁଖ୍ୟକୁ ରଖିଥାନ୍ତି ଯାହାକି ନିର୍ବାଚନ ବେଳେ ତାହା ପ୍ରତିଫଳନ କଥାକୁ ଅସ୍ୱୀକାର କରା ଯାଇ ନ ପାରେ। ସବୁଠାରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯଦି ଦେଖିବାକୁ ମିଳିଥାଏ ଗୋଟାଏ ସରକାର ବାରମ୍ବାର ନିର୍ବାଚିତ ହୋଇଆସିବା। ନିଶ୍ଚୟ ସେଥିପାଇଁ ଜନସାଧାରଣଙ୍କ ଆସ୍ଥାଭାଜନର ମୁଖ୍ୟ କାରଣ ହୋଇପାରେ ଉକ୍ତ ସରକାରଙ୍କ କାର୍ଯ୍ୟଶୈଳୀ ଲୋକଙ୍କୁ ପ୍ରଭାବିତ କରିଥାଏ ।ଲୋକମାନେ ନେତୃତ୍ୱଙ୍କ ଅମାୟିକ ବ୍ୟବହାର ଚାଲିଚଳନକୁ ପସନ୍ଦ କରିଥାନ୍ତି। ସରକାରଙ୍କ ଦ୍ୱାରା ପ୍ରଣୟନ ଯୋଜନା ସବୁ ଲୋକଙ୍କ ପାଖରେ ପହଞ୍ଚି ପାରିଥିବା ଯୋଗୁଁ ଜନସାଧାରଣ ବାରମ୍ବାର ଆସ୍ଥା ସ୍ଥାପନ କରୁଥାନ୍ତି। ଏପରିକି ବିକାଶର ଧାରାକୁ ନେଇ ଜନସାଧାରଣ ଖୁସି ରହିବାର ମଧ୍ୟ କାରଣ କହିବା। ଯାହାକି ସରକାର ଓ ଲୋକମାନଙ୍କ ପାଇଁ ଏକ ବଡ଼ ଉପଲବ୍ଧି ଅଟେ ଗଣତନ୍ତ୍ର ଶାସନରେ ଏକ ମୁଖ୍ୟ ଜିନିଷ ବେଳେ ବେଳେ ଦେଖିବାକୁ ହୋଇଥାଏ ଆଶା କରୁନଥିବା ଜନାଦେଶ ମଧ୍ୟ ରହିଥାଏ। ଯାହାକି ଜନତାଙ୍କ ମୁଡ୍‌କୁ ପରଖିବାରେ ସମସ୍ତ ମାଧ୍ୟମ ବିଫଳ ରହିଥାଏ। ତାହା ଯାହା ମନେହୁଏ ସେତେବେଳେ ଏହିଭଳିଆ ଫଳାଫଳ ଦେଖିବାକୁ ମିଳିଥାଏ। ଦ୍ୱିତୀୟ କାରଣ କହିବା ଅହଂକାର ଯୋଗୁଁ ଲୋକମାନେ ଦୂରେଇ ଯାଇଥାନ୍ତି। ତୃତୀୟରେ ପ୍ରାର୍ଥୀ ଚୟନରେ ତ୍ରୁଟି ମଧ୍ୟ ଏକ କାରଣ ହୋଇଥାଏ। ଜନସାଧାରଣଙ୍କୁ ସବୁବେଳେ ସବୁ ସମୟରେ ଠକା ଯାଇପାରିବ ନାହିଁ। ସେଥିପାଇଁ ତାଙ୍କ ସହ ଜଡିତ ଅନେକ ଯୋଜନା ବିଷୟରେ ସରକାର ପ୍ରାଥମିକତାର ସହ ବିଚାର ଭୁକ୍ତ କରିବା କଥା। କିନ୍ତୁ ଅହଂକାର ବାସନାରେ ବୁଡି ରହିଥିବା ଯୋଗୁଁ ଏହାକୁ ଉପେକ୍ଷାର କାରଣ ହୋଇ ମଧ୍ୟ ଅସ୍ୱାଭାବିକ ଜନାଦେଶ ଆସିଥାଏ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଗଣତନ୍ତ୍ର ଶାସନକୁ ସ୍ୱଚ୍ଛ, ଦୁର୍ନୀତି ମୁକ୍ତ ସହ ଏକ ଜନପ୍ରିୟ ସରକାର ସ୍ଥାପନ ପାଇଁ ଉତ୍ତମ ଚରିତ୍ର ସମ୍ପନ୍ନ ବ୍ୟକ୍ତି, ଶିକ୍ଷିତ ଶ୍ରେଣୀ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବୃନ୍ଦ ତଥା ସକରାତ୍ମକ ଚିନ୍ତାଧାରା ଯୁବପିଢି ଆଗେଇ ଆସିବା କଥା। କିନ୍ତୁ ଏବେ ତାହାର ଘୋର ଅଭାବ ପରିଲକ୍ଷିତ ହୁଏ। ଯାହାକି ଏକ ସୁସ୍ଥ, ସଶକ୍ତ ଗଣତନ୍ତ୍ର ସକାଶେ ଏକାନ୍ତ ଅପରିହାର୍ଯ୍ୟ ରହିଥିଲେ ମଧ୍ୟ ଭଲ ଲୋକ ବର୍ତ୍ତମାନର ସାମ୍ପ୍ରତିକ ରାଜନୀତି ପ୍ରତି ବିମୁଖ ଭାବ ରଖୁଛନ୍ତି ଯାହାକି ନିଶ୍ଚୟ ଚିନ୍ତାର ବିଷୟ ଅଟେ। ବର୍ତ୍ତମାନର ରାଜନୀତି ପାଇଁ ଭଲ ଲୋକଙ୍କ ବିମୁଖର କାରଣ ହେଲା ଏବେ ଏହା ସମ୍ପୂର୍ଣ୍ଣ ଭାବରେ ମାଫିଆ, ଗୁଣ୍ଡା ଶ୍ରେଣୀ, ପଇସା ବାଲାଙ୍କ ଅକ୍ତିଆରକୁ ଚାଲିଯାଉଥିବା ମନେହୁଏ। ଖର୍ଚ୍ଚ ବହୁଳ ନିର୍ବାଚନ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟରୁ ଢେର ଅଧିକ କଳାଧନର ବ୍ୟବହାର କରାଯାଉଥିବା ଜଣାଯାଏ। ସମସ୍ତେ ଜାଣି ମଧ୍ୟ ଏହାକୁ ରୋକା ଯାଇପାରୁନାହିଁ। ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ପର୍ଯ୍ୟାପ୍ତ ହୋଇପାରୁନାହିଁ। ଏଥିପାଇଁ ଆମର ସାଧନର ଅଭାବ ମଧ୍ୟ ରହିଥିବା ଦେଖିବାକୁ ମିଳିଥାଏ। ଏଥିପ୍ରତି ରାଜନୈତିକ ପଣ୍ଡିତ ମାନେ ସମ୍ପୂର୍ଣ୍ଣ ଭାବରେ ଆଖି ବୁଜି ଦେଉଛନ୍ତି। ଫଳରେ ଭଲ ଲୋକଙ୍କୁ ରାଜନୀତିରେ ଦେଖିବାକୁ ହେଉନାହିଁ।

ଏହା ସହ ଉଦ୍ୟୋଗ ଜଗତର ହସ୍ତକ୍ଷେପକୁ ମଧ୍ୟ ଏକ କାରଣ ଭାବରେ ଦେଖାଯାଇପାରେ। ସମସ୍ତ ଦିଗରୁ ରାଜନୀତିକୁ ଭଦ୍ର ଲୋକଙ୍କ ଆଗ୍ରହ ରହିଥିଲେ ମଧ୍ୟ ପରିବାର ବାଦ୍ ଏଥିସକାଶେ ବାଟ ଓଗାଳୁଛି। ଭାରତୀୟ ରାଜନୀତିରେ ଏହା ଏକ ବଡ଼ ସମସ୍ୟା ଭାବରେ ଉଭା ହେଇଛି। ଏହାର ପୂର୍ଣ୍ଣଛେଦ ପଡିବାର ଆବଶ୍ୟକତା ରହିଥିଲେ ସୁଦ୍ଧା ଖାଲି ଭାଷଣ ବାଜିରେ ସୀମିତ ରହିଯାଉଛି। ଏହି ରୋଗ ଯୋଗୁଁ ଏକ ପାରଦର୍ଶିତା ପୂର୍ଣ୍ଣ ସରକାର ପ୍ରତିଷ୍ଠା ଦେଖିବାକୁ ମିଳୁନାହିଁ। ପରିବାର ବାଦ୍ ଯୋଗୁଁ ଅନେକ ଅସନ୍ତୋଷ ଦେଖାଯାଉଛି। ରାଜନେତାଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସନୀୟତା କମି କମି ଯାଉଛି। ଯାହାକି ଗଣତାନ୍ତ୍ରିକ ଶାସନ ପ୍ରତି ଶୁଭଙ୍କର କହିବା ନାହିଁ। ଭଲ ଶିକ୍ଷିତ ଲୋକଙ୍କ ଅଭାବ ରହିବା ଫଳରେ ଶାସନ ସକାଶେ ଆବଶ୍ୟକ ଉଚିତ୍ ନିଷ୍ପତ୍ତି ତଥା ଆଇନ୍ ପ୍ରଣୟନ କ୍ଷେତ୍ରରେ ଅନେକ ତ୍ରୁଟି ପରିଲକ୍ଷିତ ହେଉଛି। ଜନସେବା ସକାଶେ ଉପଯୁକ୍ତ ଲୋକମାନେ ସୁଯୋଗରୁ ବଂଚିତ ହେବା ଗଣତନ୍ତ୍ରର ପରିପନ୍ଥୀ ଅଟେ। ରାଜତନ୍ତ୍ର ଭଳିଆ ଗଣତନ୍ତ୍ର ସମାଜ ଓ ରାଷ୍ଟ୍ର ସକାଶେ ବିପଦ ଅଟେ। ଯାହାକି ଏବେ ଦେଖିବାକୁ ମିଳୁଛି। ରାଜନୀତି ଆଉ ସେବା ହୋଇନଥିବା ବିଭିନ୍ନ ଘଟଣାବଳୀକୁ ଅନୁଧ୍ୟାନ କଲେ ବୁଝା ପଡେ। ଅନେକ କ୍ଷେତ୍ରରେ ଜନମାନସ ରାଜନୈତିକ ନେତାଙ୍କ ଦ୍ୱାରା ଅତ୍ୟାଚାରିତ ଓ ଶୋଷଣର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଯେତେ ଭଲ ନେତୃତ୍ୱ ରହିଥିଲେ ମଧ୍ୟ ଜନତାଙ୍କ ରୋଷର ଶିକାର ହେଉଥିବା ବିଭିନ୍ନ ସମୟରେ ଜନାଦେଶକୁ ଦେଖିଲେ ବୁଝା ପଡ଼େ। ଜନସେବା ପାଇଁ କୋଣସି ଆଧାର ନାହିଁ ତାହା କେତେଦୂର ଠିକ୍ ରହିଛି ସେହିବିଷୟରେ ତର୍ଜମାର ସମୟ ଉପନୀତ ଭଳିଆ ଅନୁମେୟ ହୁଏ। ଜନସେବା ନାମରେ ପିଢି ପରେ ପିଢି ଗୋଟାଏ ପରିବାର ଶାସନ କଳକୁ ଜାବୁଡ଼ି ଧରିବା ଏବଂ ଉତ୍ତରାଧିକାରୀ ସୂତ୍ରରେ ପୁଅ, ଝିଅ, ନାତି ନାତୁଣୀଙ୍କୁ ଆଣିବା ଉପରେ ଏବେ ସଶକ୍ତ ଆଇନ୍ ଜରିଆରେ ଏହାକୁ ରୋକା ଯିବା ଉପରେ ନିଷ୍ପତ୍ତିର ସମୟ ଆସିଛି। ଯଦ୍ୱାରା ନୂତନ ଯୋଗ୍ୟ ଯୁବକ, ବ୍ୟକ୍ତି ବିଶେଷ ସୁଯୋଗରୁ ବଂଚିତ ଶ୍ରେଣୀ ଜନସେବାର ମଇଦାନରେ ଅଭ୍ୟୁଦୟ ଦେଖିବାକୁ ମିଳିବ । ଏବେ ଯାହା ଦେଖିବାକୁ ମିଳୁଛି ରାଜନୀତି କ୍ଷେତ୍ରରେ କୋଣସି ପ୍ରକାରର ପ୍ରତିବନ୍ଧକ ନଥିବାର ସୁଯୋଗକୁ ନେଇ ବୟସାଧିକ ହେଲେ ମଧ୍ୟ ଯୁବ ପିଢିଙ୍କୁ ସୁଯୋଗ ଦିଆଯାଉନାହିଁ। ଏହା ଠିକ୍ ରହୁନାହିଁ ବେଳେ ବେଳେ ଏହିଭଳିଆ କାରଣ ଯୋଗୁଁ ଶାସନ କ୍ଷେତ୍ରରେ ବିରାଟ ପ୍ରଶ୍ନ ବାଚି ସୃଷ୍ଟି କରୁଛି। ଅମଲା ମାନଙ୍କ ଶାସନ କ୍ଷେତ୍ରକୁ ପୂରା ଭାବରେ ଅକ୍ତିଆର କରି ନଉଥିବା ଘଟଣା ସବୁ ଗଣତନ୍ତ୍ର ଶାସନ ପାଇଁ କେତେଦୂର ଯୁକ୍ତିଯୁକ୍ତ କହିବା। ସେଥିପାଇଁ ବର୍ତ୍ତମାନର ଏହିଭଳିଆ ଘଟଣାକୁ ଏଡ଼ାଇବା ପାଇଁ ଆବଶ୍ୟକ ବିଧି ବ୍ୟବସ୍ଥାରେ ସଂଶୋଧନ ଅଣାଯିବା ଉପରେ ଏବେ ବିଚାର ବିମର୍ଷର ସମୟ ଆସିଯାଇଥିବା ମନେହୁଏ। ଆମେ ଏବେ ଏହି ମହାନ୍ ପର୍ବ ଅବସରରେ ଖାଲି ନେତାଙ୍କୁ ଦୋଷ ନଦେଇ ଏହାର ଦାୟିତ୍ୱ ନିଜ ଉପରକୁ ଆଣିବା ଉଚିତ୍ ହେବ। ଜନସେବା ନାମରେ ଆମକୁ ପ୍ରତାରଣା କରି ଚାଲିଥିବା ପିଢି ପରେ ପିଢି ନେତାଙ୍କୁ ପ୍ରତ୍ୟାଖାନ କରିବାର ସମୟ। ତାହାହେଲେ ସେମାନେ ବୁଝିବେ ତାଙ୍କ ନେତା ବୁଝିବେ ଓ ପରିବାର ବାଦ୍‌ର ମଧ୍ୟ ଆସ୍ତେ ଆସ୍ତେ ଅନ୍ତ ହେବ।

ନୂତନ ପିଢି ତଥା ସମାଜରେ ରହିଥିବା ଯୋଗ୍ୟ ପ୍ରାର୍ଥୀଙ୍କ ଯୁଗ ଆରମ୍ଭର ଭିତ୍ତିପ୍ରସ୍ତର ପଡିପାରିବ। ଶାସନ କଳ ସୁଦୃଢ ହେବ। ଦୁର୍ନୀତି , ଲାଞ୍ଚ, ଅର୍ଥ ଆତ୍ମସାତ୍ , ପ୍ରିୟାପ୍ରୀତି ତୋଷଣ ଆଦି ନିଶ୍ଚୟ ଆଶା କରିବା ଏଥିରେ ବିରାମ ଆସିବ। ରାଜନେତା ମାନେ ବାଧ୍ୟ ହେବେ ପରିବାର କଥା ଖାଲି ଭାଷଣରେ କହି ଲୋକଙ୍କୁ ଭୁଆଁ ବୁଲାଇବାର ସମୟ ଆଉ ନାହିଁ ବିକଳ୍ପ ପନ୍ଥା ସଦୃଶ୍ୟ ଆଇନ୍‌ରେ ପରିବର୍ତ୍ତନ ନ ଆଣିଲେ ମଧ୍ୟ ସେହିଭଳିଆ ପରିବାରକୁ ଆଗାମୀ ଦିନରେ ପ୍ରାର୍ଥୀ ଚୟନ ସମୟରେ ସୁଯୋଗ ଦେବେ ନାହିଁ।

ସେଥିପାଇଁ ଏହି ମତ ଦାନ ସମୟରେ ଏହିଭଳିଆ ଅନେକ ଗୁଡିଏ ପ୍ରସଙ୍ଗ ବିଷୟରେ ଆତ୍ମ ସମୀକ୍ଷା ପୂର୍ବକ ଭୋଟ୍ ଦେଲେ ନିଶ୍ଚୟ ଏକ ସକରାତ୍ମକ ଯୁଗର ଆରମ୍ଭ କରିବା।

ବର୍ତ୍ତମାନର ସମୟ ଏମିତି ଏକ ସମୟ ଅନେକ ପ୍ରକାରର ଲୋଭନୀୟ , ଆକର୍ଷଣୀୟ,ମନଭୁଲାଣିଆ କଥା କହିବେ।

'ଦିନେ ନାଇଁ,କାଲେ ନାଇଁ,
ଗହ୍ଲା ପୁନେଇଁରେ ମାଇଁ ମାଇଁ'।

କାରଣ ନିର୍ବାଚନ ପରେ ଆଉ କେବେ ଦେଖା ଦେଇନଥାନ୍ତି, କିନ୍ତୁ ପୁଣି ନିର୍ବାଚନ ବେଳେ ଆସିବେ। ଆଉ ବର୍ଷ ତମାମ କେବେ ଦେଖା ଦେଇନଥାନ୍ତି , ଭୁଲିଯାଇଥାନ୍ତି ଦେଇଥିବା ଅନେକ ପ୍ରତିଶ୍ରୁତି। ଏବେ ଆସି କେତେ କେତେ ସମ୍ବୋଧନ କରି ପୁଣି କ୍ଷମତା ନିଶାରେ ଗୋଡ଼ ହାତ ଧରିବେ। ଏଥିରେ ଭୁଲି ନଯାଇ ନିଜକୁ ଅନେକ ଥର ପଚାରିବେ ନିଷ୍ପତ୍ତି ନେବା ଆଗରୁ କାହାକୁ ଚୟନ କଲେ ମାଆ ମାଟି, ସମାଜ, ରାଜ୍ୟ ଓ ରାଷ୍ଟ୍ର ସୁରକ୍ଷିତ ରହିପାରିବ। ସାମାଜିକ , ଅର୍ଥନୈତିକ , ବୌଦ୍ଧିକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଦେବ। ସେଥିପାଇଁ ଏବେ ଯେଉଁ ସମୟ ଆସି ଆମ ଆଗରେ ଉପନୀତ ସାଧାରଣ ଜନତା ଭାବରେ କାହାରି କଥାରେ ଭାସି ନଯାଇ ନିଜର ଚାରି ପଟକୁ ଦେଖି ସମସ୍ତ ଦିଗ କେତେ ସହାୟକ ହୋଇ ପାରିଛି ଓ କାହା ସପକ୍ଷରେ ବିଚାର ରଖିଲେ କଣ ଭଲ ହେବାର ଆଶା ରହିବ ସେ ଦିଗରେ ଉପଯୁକ୍ତ ସମୀକ୍ଷା କରି ନିଷ୍ପତ୍ତି ନେଇପାରିଲେ ନିଶ୍ଚୟ ଆଗାମୀ ଦିନରେ ତାରି ସୁଫଳ ଆଶା ରହିବ। ତେଣୁ ଆମ ସମାଜ ଏକ ବିଚାରବନ୍ତ ସମାଜ ହେଉ , ଯଦ୍ୱାରା ଆଗାମୀ ପିଢି ଆମକୁ ଅନୁକରଣ କରିବେ ଓ ଇତିହାସ ପୃଷ୍ଠାରେ ଏକ ବିଚାରବନ୍ତ ସମାଜର ଖ୍ୟାତି ଅର୍ଜନର ଛାପ ସବୁଦିନ ଛାଡ଼ିଯିବା। ସେହିଭଳିଆ ଉପଯୁକ୍ତ ଚୟନ କରି ନିଜର ବହୁମୂଲ୍ୟ ଭୋଟ୍ ଦେଇ ଗଣତନ୍ତ୍ରର ମହାନ୍ ପର୍ବର ସାକ୍ଷୀ ରହିବା ବୁଦ୍ଧିମାନର କାର୍ଯ୍ୟ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିପାସା

**ଶରତ ଦାଶ**

ଯେତେ ଭାବ ଆଉ ଭାବନା
ଅଙ୍କୁରେ ଏ ମାନସେ
ସବୁ କଣ କରି ହୁଅଇ
ପରିପ୍ରକାଶ ଭାଷେ

ଯେତେ ଅପ୍ରାପ୍ତିର ଅନଳ
ଜଳେ ଅନ୍ତର ତଳେ
ସବୁ କି ଲିଭଇ ସହଜେ
ପ୍ରେମ ଶୀତଳ ଜଳେ

ଯେତେ ଅସନ୍ତୋଷ ପ୍ରାଣରେ
ଧୀରେ ବାନ୍ଧିଛି ବସା
ତାକୁ କି ଭାଙ୍ଗିବା ସହଜ
ହୁଏ ବଢାଇ ଆଶା

ଯେତେ ଚାଲିବାକୁ ଇଚ୍ଛିଲେ
ପାଦ ପଡଇ ଥକି
ଯେତେ ଚାଲିଲେ ବି ଗନ୍ତବ୍ୟ
ପଥ ରହଇ ବାକି

ଯେତେ ପାଇଲେ ବି ଆହୁରି
କିଛି ପାଇବା ପାଇଁ
ଇଚ୍ଛା କରେ ମନ ବସଇ
ସ୍ୱର୍ଗଭୁବନେ ଯାଇ

ଯେତେ ଯାହା କଲେ ପିପାସା
ମେଣ୍ଟେ ନାହିଁ ସଂପୂର୍ଣ୍ଣ
ତୃଷାରେ ସର୍ବଦା ବିକଳ
ହୁଏ ଦୀନ ଜୀବନ

ଯେତେ ପ୍ରେମ ସ୍ନେହ ମିଳିଲେ
ହୁଏ ନାହିଁ ଯଥେଷ୍ଟ
ଆହୁରି ମିଳିବା ଆଶାରେ
ପ୍ରାଣ ହୁଏ ଅତିଷ୍ଠ

ଜୀବନ ମଧୁର ଯେଉଁଠି
ଆଶା ପ୍ରତ୍ୟାଶା ନାହିଁ
ଚରାଚରସ୍ୱାମୀ ଈଶ୍ୱର
ଥାନ୍ତି ସେଇଠି ରହି ।

ଭୁବନେଶ୍ୱର

# କଣ୍ଟା...




**ମୂଳହିନ୍ଦୀ-ରାମକରଣ**

**ଅନୁବାଦ-ମନୋଜ କୁମାର ବେହେରା**

> ଆଛା ଆପଣଙ୍କୁ ତେବେ ଲାଗୁଛି କି ଭଗବାନ ହିଁ ସମସ୍ତଙ୍କୁ ଦିଅନ୍ତି ? ଯଦି ସେ ସମସ୍ତଙ୍କୁ ଦିଅନ୍ତି ତେବେ ଏଇ ଭେଦ ଭାବ କାହିଁକି ? ମୁଁ ତାଙ୍କୁ ଟିକିଏ ଭଲରେ ଚାହିଁ ପଚାରିଲି । ଏଥର ସେ ଚିଡିଗଲେ ଆଉ ଚିଲ୍ଲେଇ କହିଲେ, 'ଆରେ ଭଗବାନଙ୍କ ନାଁରେ ଅନ୍ତତଃ ମୋତେ ଟିକିଏ ସନ୍ତୋଷ କରିବାକୁ ଦିଅ.. ନିଜର ଅପାରଗତାର ବୋଝକୁ ନେଇ ମୁଁ କେଉଁଠି ପକେଇବି.. କେଉଁଠି ମୁଣ୍ଡକୁ ଫଟେଇ ରକ୍ତ ଝରେଇବି..।' ମୁଁ ବୁଝିଗଲି କଣ୍ଟାଟା ବହୁତ ଗଭୀରରେ ଯାଇ ଫସି ଯାଇଛି ।

ବର୍ଷର ବାରମାସ ସେ ବ୍ୟସ୍ତ ରୁହନ୍ତି କାମରେ । ମୁଁ ନିତିଦିନ ସକାଳେ ଦେଖେ ତାଙ୍କୁ କ୍ଷେତକୁ ଯିବାବେଳେ ଆଉ ସନ୍ଧ୍ୟା ସମୟରେ କ୍ଷେତରୁ ଫେରିବା ସମୟରେ । କେତେବେଳେ ସେ ଖୁରପା-ଖରୁପୀ ତ କେତେବେଳେ କୋଡି, କୋଦାଳ ତ ଆଉ କେତେବେଳେ ଫାଉଡା ଧରି ଯାଆନ୍ତି ସାଙ୍ଗରେ । ସବୁବେଳେ ତାଙ୍କୁ ଯିବା ଆସିବା ସମୟରେ ଦେଖି ଦେଖି ମୋ ମନ ଭିତରେ ପ୍ରବଳ ଇଛାହେଲା ତାଙ୍କ ବିଷୟରେ ଜାଣିବାକୁ । ତେଣୁ ଦିନେ ସାହସକରି ମୁଁ ତାଙ୍କୁ ପଚାରିଲି, 'କେତେ କ୍ଷେତରେ ଚାଷ କରୁଛ' ?

'ଦଶ ଗୁଣ୍ଠ', କହିଲେ ସେ ।

ତା'ହେଲେ ତ ଖାଇବା ପିଇବାରେ ଅସୁବିଧା ହେଉନଥିବ ।

'ହଁ, ଅସୁବିଧା ହେଉନି', ସେ କହିଲେ ।

ବଳକା ଫସଲକୁ ତ ବିକିବାକୁ ପଡୁଥିବ ?

'ନା'.. ନା'.. ବିକିବା ପାଇଁ ବଳେନି, ଅତି ସହଜତାର ସହିତ କହିଲେ ସେ' ।

ହେଲେ ମୁଁ ଟିକିଏ ଆଶ୍ଚର୍ଯ୍ୟ ଚକିତ ହେଇଯାଇଥିଲି ତାଙ୍କ କଥା ଶୁଣି । ତେଣୁ ପଚାରିଲି, 'ଦଶ ଗୁଣ୍ଠ ଜମିର ସବୁ ଚାଉଳ ଖାଇଯାଉଛ' ?

'ଆରେ ମୁଁ ହେଲି ଭାଗ ଚାଷୀ.. ମୋ ଭାଗରେ ଯେତିକି ପଡିବ ସେଥିରେ ମୁଁ ଚଳିବି । ତା' ଭିତରୁ ବଳିବ କ'ଣ ଯେ ମୁଁ ବିକିବି' ? ତା'ଛଡା ଜମିତ ମୋ ନିଜର ନୁହେଁ ?

ତା'ହେଲେ ତମର କେତେ ଗୁଣ୍ଠ ଜମି ଅଛି ?

ସେ ହାତ ହଲେଇ ମନା କରି କହିଲେ ଯେ ତାଙ୍କର ନିଜସ୍ୱ କିଛି ଜମି ନାହିଁ ।

ଭାଇ-ବନ୍ଧୁ-କୁଟୁମ୍ବଙ୍କ ପାଖରେ ତ ଜମି ଥିବ ?

'ନା.. କାହା ପାଖରେ ନାହିଁ ।'

ହେଲେ ସମସ୍ତେ ତ ଏଠି ଚାଷ କରୁଛନ୍ତି.. ସମସ୍ତେ ତ ଏଠି ଚାଷୀ ।

ସେ ମ୍ଲାନ ହସଟିଏ ହସି ଦେଇ କହିଲେ, 'ହଁ' ।

ତା'ହେଲେ ତ ତୁମକୁ କିଛି ଅନୁଦାନ-ସହାୟତା କିଛି ମିଳୁନଥିବ ?

କେଉଁଠୁ ମିଳିବ ? ଯେତେବେଳେ କାହା ନାଁରେ ଗୋଟିଏ ଡେସିମିଲ୍ ଜମିବି ନାହିଁ ।

'ବାପା-ଦାଦାଙ୍କ ଅମଳରୁ ଏମିତି.. ନା'.. ଏବେ.. ଏମିତି..'

ହଁ.. ବାପା-ଦାଦାଙ୍କ ସମୟ କ'ଣ ଜେଜେବାପା-ଗୋସେଇଁ ଜେଜେବାପାଙ୍କ ଅମଳରୁ ଏମିତି । କାହାର ନିଜର କ୍ଷେତ ନଥିଲା ।

ହେଲେ ଗାଁର ଅନ୍ୟ ଲୋକଙ୍କ ପାଖରେ ତ ପାଞ୍ଚଗୁଣ୍ଠ, ଦଶ ଗୁଣ୍ଠ, ମାଣେ ଲେଖାଏଁ ଜମି ଅଛି ।

'ତାଙ୍କୁ ଭଗବାନ ଦେଇଛନ୍ତି' ।

'ମାନେ ଭଗବାନ କ'ଣ ଆପଣଙ୍କୁ ଦେଇ ନାହାନ୍ତି' ?

ମୁଁ ତାଙ୍କୁ ଆହୁରି ଗଭୀରତାରୁ ଜାଣିବା ପାଇଁ ପଚାରିଲି, ଭଗବାନ ଆପଣଙ୍କୁ କାହିଁକି ଦେଇ ନାହାନ୍ତି ?

ଆରେ ସେ ଯଦି ଦେଇ ନାହାନ୍ତି ତ ଦେଇ ନାହାନ୍ତି । କାହିଁକି ଦେଇ ନାହାନ୍ତି ସେକଥା ସେ ଜାଣିଥିବେ, ହସି ଦେଇ କହିଲେ ସେ ।

ଆଛା ଆପଣଙ୍କୁ ତେବେ ଲାଗୁଛି କି ଭଗବାନ ହିଁ ସମସ୍ତଙ୍କୁ ଦିଅନ୍ତି ? ଯଦି ସେ ସମସ୍ତଙ୍କୁ ଦିଅନ୍ତି ତେବେ ଏଇ ଭେଦ ଭାବ କାହିଁକି ? ମୁଁ ତାଙ୍କୁ ଟିକିଏ ଭଲରେ ଚାହିଁ ପଚାରିଲି ।

ଏଥର ସେ ଚିଡିଗଲେ ଆଉ ଚିଲ୍ଲେଇ କହିଲେ, 'ଆରେ ଭଗବାନଙ୍କ ନାଁରେ ଅନ୍ତତଃ ମୋତେ ଟିକିଏ ସନ୍ତୋଷ କରିବାକୁ ଦିଅ.. ନିଜର ଅପାରଗତାର ବୋଝକୁ ନେଇ ମୁଁ କେଉଁଠି ପକେଇବି.. କେଉଁଠି ମୁଣ୍ଡକୁ ଫଟେଇ ରକ୍ତ ଝରେଇବି..।'

ମୁଁ ବୁଝିଗଲି କଣ୍ଟାଟା ବହୁତ ଗଭୀରରେ ଯାଇ ଫସି ଯାଇଛି ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍- ୭୯୭୮୮୩୦୬୧୧

# ତୁମେ ଆସିଗଲେ

**ନଳିନୀ ଦାଶ**



ତୁମେ ଆସିଗଲେ ମନ ବଗିଚାରେ
ଗୋଲାପ ସୁରଭି ଛୁଟେ
ରୂପ ଝଲସାଇ ସିନ୍ଦୁରା ଫଟାଇ
ରୂପସୀ ବଧୂଲି ଫୁଟେ

ତୁମେ ଆସିଗଲେ ଶ୍ରାବଣ ଆସଇ
ନୂପୁର ନିକ୍କଣ ଶୁଭେ
ଗୁଞ୍ଜାରଣ କରି ମଧୁପ ମାନିନୀ
ବିହରଇ ମଧୁ ଲୋଭେ

ତୁମେ ଆସିଗଲେ ରଜନୀଗନ୍ଧାରୁ
ବାସନା ପବନେ ଆସେ
ମାଳତୀ ଟଗର ରଙ୍ଗଣୀ କେତକୀ
ଅପରାଜିତାଟି ହସେ

ତୁମେ ଆସିଗଲେ ମନ ପାରାବାରେ
ଖୁସିର ଲହଡ଼ି ଭାଙ୍ଗେ
ଜୀବନ ବୀଣାରେ ଛନ୍ଦ ଲୟ ତାଳେ
ଗୀତ ଶୁଭେ ନାନା ରଙ୍ଗେ

ତୁମେ ଆସିଗଲେ ମନ ପ୍ରଜାପତି
ମତୁଆଲା ହୋଇ ଉଡେ
ଅଳପ ଆୟୁଷି ଝରା ଶେଫାଳିତ
ତୁମ ଆଗମନେ ଝଡେ

ତୁମେ ଆସିଗଲେ ମଳୟ ଆସଇ
ଦେହ ମନ ଯାଏ ଛୁଇଁ
ବସନ୍ତର ଶୋଭା ଆନମନା କରେ
ମଧୁଭରା ବାସ୍ନା ଦେଇ

ତୁମେ ଆସିଗଲେ କେତେ ଯେ ସପନ
ମନେ ଉଙ୍କି ମାରିଥାଏ
ପ୍ରିୟା ତୁମ ପ୍ରୀତି ମଧୁଝରା ଗୀତି
ପ୍ରଣୟ ରାଗିଣୀ ଗାଏ

ତୁମେ ଆସିଗଲେ ନୀଳ ଆକାଶରେ
ଚନ୍ଦ୍ରମା ଯାଏଟି ଉଇଁ
ସରସୀର ଜଳେ ଆନନ୍ଦେ ଅଧୀର
ହୋଇ ନାଚେ ନୀଳକଇଁ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୭୬୪୯

# ମାନିଛି ତୁମକୁ



**ସୁକାନ୍ତ ସମର୍ଥ**

ମାନିଛି ଯେଣୁ ମୁଁ
ଆକାଶ ତୁମକୁ
ପାରେନା ଉଡ଼ି ମୁଁ ଦୂରେ
ମୋ ଇଚ୍ଛାର ଡେଣା
କାଟି ମୁଁ ରହିବି
ତୁମ ବାହୁ ପଞ୍ଜୁରୀରେ

ମାନିଛି ଯେଣୁ ମୁଁ
ଚନ୍ଦ୍ରମା ତୁମକୁ
ଅନ୍ଧାରକୁ କାହିଁ ଡରେ
ତୁମେ ଥିଲେ ସାଥେ
ଲାଗେ ମୁଁ ବସିଛି
ଚାନ୍ଦିନୀର ଅଗଣାରେ

ମାନିଛି ଯେଣୁ ମୁଁ
ସାଗର ତୁମକୁ
ନିଦଠୁ ରହିଛି ଦୂରେ
ଅଧୀର ସ୍ପନ୍ଦନ
ଢେଉ ପରି ଉଠି
ଲୋଟଇ ତୁମ ଛାତିରେ

ମାନିଛି ଯେଣୁ ମୁଁ
ସଙ୍ଗୀତ ତୁମକୁ
ଶୁଣେ ଖାଲି ନୀରବରେ
ମୁଁ କାହିଁ ଗାଇବି
ବେସୁରା ରାଗିଣୀ
ନ ଶୁଣି ତୁମକୁ ସୁରେ

ମାନିଛି ଯେଣୁ ମୁଁ
ବରଷା ତୁମକୁ
ବାଦଲକୁ କାହିଁ ଡରେ
ତୁମରି ନୟନ
ମେଘ ରାତି ତଳେ
ଭିଜୁଛି ମୁଁ ସପନରେ

ମାନିଛି ଯେଣୁ ମୁଁ
ପବନ ତୁମକୁ
ତୁମ ସାଥେ ଶ୍ୱାସ ଭରେ
ତୁମ ଦେହ ବାସ୍ନା
ମୋ ଦେହେ ମିଶିଛି
ବାସେ ମୁଁ ତୁମ ରାତିରେ ।

# କେବଳ ନିଜ ଖୁସି ପାଇଁ ନୁହଁ

**ଧର୍ମାନନ୍ଦ ମହାରଣା**

କେବଳ ନିଜ ଖୁସି ପାଇଁ ବଞ୍ଚ ନାହିଁ
କିଛି ସ୍ୱପ୍ନ ବୁଣିଦିଅ ଜୀବନ ପାଇଁ

ଦୀନ ଦୁଃଖୀଙ୍କ ଲୁହ ଯଦି ପୋଛିଦିଅ,
ଦେବଙ୍କ ପୂଜା ପାଇଁ କିଛି ଲୋଡ଼ା ନାହିଁ

ସୁନା ରୂପାର ଥାଳି ଆବଶ୍ୟକ ନାହିଁ,
ହୃଦୟ ଦୀପ ଯଥେଷ୍ଟ ଆଳତୀ ପାଇଁ

ହୃଦୟେ ଯଦି ଘୃଣାର ଆଗ୍ନେୟ ଅଛି
ବିଷ କାହିଁ ପିଇବ ଆତ୍ମହତ୍ୟା ପାଇଁ !

ଅତ୍ୟଧିକ ଖୁସିରେ ଆତ୍ମହରା ହୁଅ ନାହିଁ
କିଛି ଦୁଃଖ ବି ଜରୁରୀ ଜୀବନ ପାଇଁ

ସାରା ଦୁନିଆକୁ ଯେବେ ନିଜର କଲ
କିଏ ଆଉ ବାକି ଅଛି ଶତ୍ରୁତା ପାଇଁ ?

ପବନକୁ ଧରିବା ଜିଦ ଛାଡିଦିଅ,
ସମୟର ଗତି ଥମେନି କାହା ପାଇଁ

ତୁମେ ଶବ୍ଦକୁ ଅଗ୍ନିରେ ଡାଳିବା ଶିଖ,
ଯନ୍ତ୍ରଣା ଯଥେଷ୍ଟ ନୁହେଁ କବିତା ପାଇଁ

ଭୁଲ ବୁଝାବଣା ସବୁ ଦୂର ହୋଇବ,
ହସ ଖୁସିରେ ମିଶ ଦୁଇ ଘଡ଼ି ପାଇଁ ।

ମର୍ଦ୍ଦକୋଟ, ଗଞ୍ଜାମ
ମୋ- ୮୯୧୭୪୪୬୪୪୧



# ବୋଉ

**ସଂଯୁକ୍ତା ଦାଶ**



ଆଜି କାଲି ବୋଉର ଚନ୍ଦ୍ରଉଦିଆ ମୁହଁରେ
ବିଷର୍ଣ୍ଣତାର ଛାଇ
ଲକ୍ଷେଟଙ୍କିଆ ହସକୁ ତା'ର
ଦେଇଛି ଉଜେଇଁ
କଥାର ପେଡ଼ିରେ ତାର ତାଲା ପଡିଗଲା
ଆଶୁ କବିତାର ସୁଲଳିତ ସୁର ତାର
ଛନ୍ଦ ତାଳ ଲୟ ଭୁଲିଗଲା

ବଡ ଅଭିମାନ ତାର
ବୟସ ଉପରେ
ଅଣ୍ଟା ଆଣ୍ଠୁ ହାତ ପାଦ
କି ବିଶ୍ୱାସଘାତକତା କଲେ
ନା ନଇଁବାକୁ ଦେଲେ
ନା ତଳେ ଗୋଡ ଲମ୍ବାଇ ବସିବାକୁ
ନା ପନିକି ପକାଇ ପରିବା କାଟିବାକୁ
ନା ଲେମ୍ବୁ ଆଚାର ଜାର ନେଇ
ଖରାରେ ଥୋଇବାକୁ
ନିଳଠା ଆଙ୍ଗୁଠି ଚନ୍ଦନ ଘୋରାଇ ଦେଉନି
ବାଲଗୋପାଲଙ୍କୁ ଟିକେ ଭୋଗ ଖୁଆଇ ପାରୁନି
କେତେ ଖିନ୍ ଭିନ୍ ହେଉଛି ଭିତରେ ଭିତରେ
ଅଣ ନାତିକୁ ତେଲ ଘଷିବାର ଇଚ୍ଛାଟା
କେତେ ନାରଖାର ହେଲା !

ଡାକ୍ତର ଗୁଡାକ ବି କେଡେ ନିର୍ଦ୍ଦୟ..
ଆଗକୁ ଝୁଙ୍କିବନି
ଭାରି ଜିନିଷ ଟେକିବନି
ତଳେ ବସିବନି
ଶିଡି ଚଢିବନି
ଅଣ୍ଟାରେ ବେଲ୍ଟ, ଆଣ୍ଠୁରେ କ୍ୟାପ୍
ପାଦରେ ସକ୍ସ କାନରେ ହିଅରିଂ ଏଡ
ସକାଳେ ପାଞ୍ଚ ପ୍ରକାର ଔଷଧ
ରାତିରେ ଆଉ ପାଞ୍ଚ
ଇଏ କି ପ୍ରକାର ଜୀବନ
କାହିଁକି ଆଉ ସେ ବଞ୍ଚିବ

କିଛି କାହାକୁ ଆଉ ଦେଇପାରିବନି
ନିଜେ ଠାକୁରାଣୀ ପରି ବସିଥିବ ?
ଯୋଡ଼ ହସ୍ତରେ ବୋଉର ବିକଳ ପ୍ରଶ୍ନ ଈଶ୍ୱରଙ୍କୁ
ଜାଣିଛକି ମହୌଷଧୀ ମୋ ବ୍ୟାଧିର ?

ବୋଉକୁ ଆଉଜେଇ ଆଣିଲି ଆଦରରେ
ଈଶ୍ୱରଙ୍କ ବାଣୀ ଶୁଣାଇଲି
ଧୀରେ ଧୀରେ ତା କାନ ପାଖରେ
ଅଠରରୁ ଅଶୀ ବର୍ଷ ଯାଏଁ ଦେଇ ଚାଲିଲୁ ଅକାତରେ
ହାଡ ମାଂସ ରକ୍ତ ଲୁହ ଶ୍ରମ ସ୍ୱେଦ
ସମୟ ଅବସର ବିଶ୍ରାମ ସପନ ନିଦ
ତାରୁଣ୍ୟ ଯୌବନ ଅପରାହ୍ନ ସାୟାହ୍ନ
ଅନୁଭବ ଅନୁଭୂତି ଅଭିଜ୍ଞତା ଅବଦାନ
ଆଦର ଆଦେଶ ଆକଟ ଅଭିମାନ
ସୁଖ ଶାନ୍ତି ସନ୍ତୋଷ ସାଫଲ୍ୟ ସ୍ୱାଭିମାନ
ଦେଇ ଦେଇ ତୁ ହେଇନୁ ନିଃସ
ହୋଇଛୁ କିନ୍ତୁ କ୍ଲାନ୍ତ ଶ୍ରାନ୍ତ ରୁଗ୍ଣ ଅବଶ

ଏବେ ଖାଲି ଦେ ହାତ ଟେକି
ତୋ ପାପୁଲିରୁ ଝରି ଯାଉ ଝର ଝର ବାତ୍ସଲ୍ୟ ବିଭୁତି !

ମୋ- ୮୪୨୦୮୯୬୫୪୬

# ଆତ୍ମସଂସ୍କାର

**କବିରତ୍ନ ନୂତନ କୁମାର ବେହେରା**

ଉଚ୍ଚ ବିଚାର ସଚ୍ଚା ଆଚାର
ମନକୁ କରିଥାଏ ସ୍ୱଚ୍ଛ ନିର୍ବିକାର
ରହିଲେ ଶାନ୍ତ ହୋଇ ନମ୍ର ଉଦାର
ଦୂର ହୋଇଥାଏ ଗର୍ବ ଅହଙ୍କାର
ସତ୍ୟାଚାର କରି ଚାଲିଥିଲେ ଉପଚାର
ଜଣକର ହୋଇଥାଏ ଆତ୍ମସଂସ୍କାର
ମିଛ ମାୟା ଘେରା ସାରା ସଂସାର
ଲୋଭ ମୋହ ଆଣେ ବିକାର
ବଶରେ ହୁଏ ଯିଏ ତାର ଶିକାର
ତା' ଜୀବନେ ଆସେ ଘନ ଅନ୍ଧକାର
ବୁଝି ନ ପାରି ସେ ତ୍ରୁଟି ନିଜର
ଅନ୍ୟକୁ ମଣେ ହେୟ କରେ ତିରସ୍କାର
କଷ୍ଟ ଯନ୍ତ୍ରଣା ବହୁ ପ୍ରକାର
ଅନ୍ତରାତ୍ମା କରି ଉଠେ ହାହାକାର
ସ୍ୱାଧ୍ୟାୟ କରି ସେ ବାରମ୍ବାର
କରିବାକୁ ଚାହିଁଲେ ତାର ପ୍ରତିକାର
ଇଚ୍ଛା ହୁଏ ଉପାୟ ଆସେ ନିରନ୍ତର
ସଚେତନତାରେ ହୁଏ ସେ ଉଦ୍ଧାର
ଜାଗ୍ରତରେ ସୁଧୁରିବା ହିଁ ଆତ୍ମସଂସ୍କାର
ଜୀବାତ୍ମା ବଶରେ ଥାଏ ଶରୀର
ଇନ୍ଦ୍ରିୟମାନେ ଚାହାଁନ୍ତି ତାଙ୍କ ଅଧିକାର
ମନ ଉପରେ କରନ୍ତି ପ୍ରଭାବ ବିସ୍ତାର
ସଂଯମ ଶକ୍ତି ଦୁର୍ବଳ ହୁଏ ତା'ର
ମନ ହୁଏ ବିଚଳିତ ଅଧିର ଅସ୍ଥିର
ମନ ମାନିଗଲେ ତା' ପାଖରେ ହାର
କରି ବସେ ସେ ନାନା ଅତ୍ୟାଚାର
ପରିଣାମେ ଦଣ୍ଡ ପାଇ ହୁଏ ଛାରଖାର
ତା' ଅପରାଧରୁ ସେ ପାଏନା ନିସ୍ତାର
ଏ ଧାରା ଚାଲିଥାଏ ଜନ୍ମ ଜନ୍ମାନ୍ତର
ହୁଏ ଯେବେ ଜଣେ ନିଷ୍ପାପର
ଆତ୍ମଶକ୍ତି ଆତ୍ମବିଶ୍ୱାସ ହୁଏ ସଞ୍ଚାର
ମୋହ କ୍ଷୟେ ମୋକ୍ଷପ୍ରାପ୍ତି ହୁଏ ତାର
ଯେତେ 'କୁ' ରୁ 'ସୁ' ରେ ହେବା ରୂପାନ୍ତର
ବାସ୍ତବରେ ଅଟେ ତା ଆତ୍ମସଂସ୍କାର ।

କୋହି, ବାରିପଦା, ମୟୂରଭଞ୍ଜ
ଦୂରଭାଷ- ୮୦୧୮୩୫୩୩୨୨



# ମଉସୁମୀ ତୁମେ କେଉଁଠି ଲୁଚିଛ

**ରୋହିତ ସେଠୀ**



ବସୁନ୍ଧରା ବକ୍ଷ ଉତପ୍ତ ହେଲାଣି
ସୂର୍ଯ୍ୟଙ୍କର କୋପାନଳେ
ସମଗ୍ର ସୃଷ୍ଟିଟା ପ୍ରଚଣ୍ଡ ପ୍ରଭାବେ
ବିଭତ୍ସ ରୂପରେ ଜଳେ
ତରୁଲତା କୀଟ ପତଙ୍ଗ ସରବେ
ଆକୁଳ ଆବେଗେ ଡାକେ
ମଉସୁମୀ ତୁମେ କେଉଁଠି ଲୁଚିଛ
ଠିଆହୁଅ ତାଙ୍କ ଦୁଃଖେ

ରବି ତେଜରାଶି ଅଜସ୍ର ପ୍ରକାଶେ
ଶୁଷ୍କ ନଈନାଳ ନୀର
ପ୍ରାଣ ରଖିବାକୁ ଛଟପଟ ପ୍ରାୟ
ଶହ ଶହ ଜଳଚର
ଅସହ୍ୟ ତାତିରେ ଅଂଶୁଘାତ ଭୟେ
ସଭିଙ୍କ ପରାଣ ଶୁଖେ
ମଉସୁମୀ ତୁମେ କେଉଁଠି ଲୁଚିଛ
ଠିଆହୁଅ ତାଙ୍କ ଦୁଃଖେ

ଜୀବନ ଜୀବିକା ଦୁର୍ବିସହ ଲାଗେ
ତତଲା ଝାଞ୍ଜିରେ ପରା
ଯୁଆଡ଼େ ଚାହିଁବ ନିଦାଘ ଦାଉରୁ
ଶ୍ରୀହୀନ ଲାଗୁଛି ଧରା
ଏ ଗ୍ରୀଷ୍ମ ପ୍ରବାହ ଅନେକ ଯନ୍ତ୍ରଣା
ଦେଲାଣି ଧରଣୀ ବୁକେ
ମଉସୁମୀ ତୁମେ କେଉଁଠି ଲୁଚିଛ
ଠିଆହୁଅ ତାଙ୍କ ଦୁଃଖେ

ପାଦପ ରାଜିରେ ନବ କିଶଳୟ
କଅଁଳିବେ ହସି ଖେଳି
ଥୁଣ୍ଟା ଗଛ ଦେହ ସବୁଜ ସତେଜ
ଶାଖା ପ୍ରଶାଖାକୁ ମେଲି
ତବ ଆଗମନେ ଶୁଖିଲା ଭୂଇଁଟା
ଉଶ୍ୱାସ ଲଭିବ ଥୋକେ
ମଉସୁମୀ ତୁମେ କେଉଁଠି ଲୁଚିଛ
ଠିଆହୁଅ ତାଙ୍କ ଦୁଃଖେ ।

ଦୁତିମେଣ୍ଡି, ଖଜୁରୀପଡ଼ା, କନ୍ଧମାଳ
ମୋ- ୭୭୩୫୨୧୪୩୭୯

# ଭାରତୀୟ ହକି ଦଳରେ ଓଡ଼ିଶାରୁ କେବଳ ଅମିତ

**ଭୁବନେଶ୍ୱର**

ବେଲ୍‌ଜିୟମ ଓ ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ଲାଗି ୨୪ ଜଣିଆ ଭାରତୀୟ ପୁରୁଷ ଦଳ ଘୋଷିତ ହୋଇଛି। ହର୍ମନପ୍ରୀତ ସିଂହ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ କେବଳ ଡିଫେଣ୍ଡର ଅମିତ ରୋହିଦାସ ସାମିଲ ହୋଇଛନ୍ତି। ହାର୍ଦ୍ଦିକ ସିଂହ ଦଳର ଉପାଧିନାୟକ ଭାବେ ନିଯୁକ୍ତ ହୋଇଛନ୍ତି। ବେଲ୍‌ଜିୟମ ଅନ୍ତର୍ଗତ ଚଳିତ ମାସ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ସହ ୨ ଲେଖାଏଁ ମ୍ୟାଚ୍ ଖେଳିବ। ଏହାପରେ ଦଳ ଲଣ୍ଡନ ଗସ୍ତ କରି ସେଠାରେ ଜୁନ୍ ୧ରୁ ୧୨ ତାରିଖ ଭିତରେ ଗ୍ରେଟ୍ ବ୍ରିଟେନ୍ ଓ ଜର୍ମାନୀ ସହ ଖେଳିବ ଭାରତ। ଏହି ଗସ୍ତରେ ୨୨ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ଭାରତ। ସଂପ୍ରତି ଏହି ଲିଗ୍‌ରେ ୮ ମ୍ୟାଚ୍ ଖେଳି ୧୫ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ଭାରତୀୟ ଦଳ: ଗୋଲରକ୍ଷକ-ପିଆର୍ ଶ୍ରୀଜେସ, କ୍ରିଷ୍ଣ ବାହାଦୁର ପାଠକ, ଡିଫେଣ୍ଡର-ଜର୍ମନପ୍ରୀତ ସିଂହ, ଅମିତ ରୋହିଦାସ, ହର୍ମନପ୍ରୀତ ସିଂହ (ଅଧିନାୟକ), ସୁମିତ, ସଂଜୟ, ଯୁଗରାଜ ସିଂହ, ବିଷ୍ଣୁକାନ୍ତ ସିଂହ, ମିଡ୍‌ଫିଲ୍ଡର-ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ମନପ୍ରୀତ ସିଂହ, ହାର୍ଦ୍ଦିକ ସିଂହ, ରାଜକୁମାର ପାଲ, ମହମ୍ମଦ ରାହିଲ ମେସିନ, ଫରୱାର୍ଡ-ମନଦୀପ ସିଂହ, ଅଭିଷେକ, ସୁଖଜିତ ସିଂହ, ଲଳିତ କୁମାର ଉପାଧ୍ୟାୟ, ଗୁର୍ଜା ସିଂହ, ଆକାଶଦୀପ ସିଂହ, ଅରାଇଜୀତ ସିଂହ ହୁଣ୍ଡାଲ, ବବି ସିଂହ ଧାମି।



# ଖୁବ୍ ଶୀଘ୍ର ନୂତନ କୋଚ୍ ପାଇଁ ବିଜ୍ଞାପନ ପ୍ରକାଶ କରିବ ବିସିସିଆଇ : ଜୟ ଶାହ

**ନୂଆଦିଲ୍ଲୀ**



ଭାରତୀୟ ପୁରୁଷ ଟିମ୍‌ର ମୁଖ୍ୟ କୋଚ୍ ପଦ ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ସୂଚନା ଦେଇଛନ୍ତି। ୨୦୨୧ ନଭେମ୍ବର ମାସରୁ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଥିବା ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ୨୦୨୩ ବିଶ୍ୱକପ ପରେ ସାମୟିକ ଭାବେ ବୃଦ୍ଧି ପାଇଥିଲା। କିନ୍ତୁ ରାହୁଲଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। କାରଣ ମୁଖ୍ୟ କୋଚ୍ ପାଇଁ ବିସିସିଆଇ ଆବେଦନ ପତ୍ର ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ମୁଖ୍ୟ କୋଚ ଭାବେ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଜୁନ ମାସରେ ଶେଷ ହେବ। ଏହି ସମୟରେ ଭାରତୀୟ ଟିମ୍ ଟି-୨୦ ବିଶ୍ୱକପରେ ବ୍ୟସ୍ତ ଥିବ। ଟି-୨୦ ବିଶ୍ୱକପ ପରେ ହିଁ ନୂଆ ମୁଖ୍ୟ କୋଚ୍‌ଙ୍କୁ ନିଯୁକ୍ତି ମିଳିବ ବୋଲି କୁହାଯାଉଛି। ୨୦୨୩ ନଭେମ୍ବର ମାସରେ ଦ୍ରାବିଡ୍ ଓ ଭାରତୀୟ ଟିମ୍‌ର ସପୋର୍ଟ ଷ୍ଟାଫଙ୍କ କାର୍ଯ୍ୟକାଳ ସାମୟିକ ଭାବେ ବୃଦ୍ଧି ହୋଇଥିଲା। ଏହି କାର୍ଯ୍ୟକାଳ ବୃଦ୍ଧି କଣ୍ଟ୍ରାକ୍ଟ ୨୦୨୪ ଜୁନ୍‌ରେ ଶେଷ ହେବାକୁ ଯାଉଛି। ଜୟ ଶାହ ଏହା ମଧ୍ୟ କହିଛନ୍ତି ଯେ ରାହୁଲ ଦ୍ରାବିଡ୍ ଯଦି ଚାହିଁବେ, ତା'ହେଲେ ମୁଖ୍ୟ କୋଚ୍ ପାଇଁ ଆବେଦନ କରିପାରିବେ। କିନ୍ତୁ ପୂର୍ବଭଳି କାର୍ଯ୍ୟକାଳ ବୃଦ୍ଧି କରାଯିବ ନାହିଁ। ସେ କହିଛନ୍ତି, ରାହୁଲଙ୍କ କାର୍ଯ୍ୟକାଳ ଜୁନ ଶେଷ ଯାଏ ରହିଛି। ଯଦି ସେ ରହିବେ, ପୁଣି ଆବେଦନ କରିପାରିବେ। ନୂଆ କୋଚ୍ ଭାରତୀୟ ହେବେ କି ବିଦେଶୀ, ସେକଥା ଆମେ କହିପାରିବୁ ନାହିଁ। ସବୁ କିଛି କ୍ରିକେଟ ପରାମର୍ଶଦାତା କମିଟି ବା ସିଏସି ଉପରେ ନିର୍ଭର କରେ।

କ୍ରିକେଟର ୩ ଫର୍ମାଟ ପାଇଁ ଭିନ୍ନଭିନ୍ନ କୋଚ୍ ନିଯୁକ୍ତି ଚର୍ଚ୍ଚାକୁ ମଧ୍ୟ ଜୟ ଶାହ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏପରି ନିଷ୍ପତ୍ତି ମଧ୍ୟ ସିଏସି ନେଇଥାଏ। ବିରାଟ କୋହଲି, ରୋହିତ ଶର୍ମା, ରଷଭ ପନ୍ତଙ୍କ ଭଳି ଅନେକ ସବୁ ଫର୍ମାଟରେ ଖେଳୁଥିବା ଖେଳାଳି ରହିଛନ୍ତି। ଏହା ସହ ଭାରତରେ ସେଭଳି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ।

# ଆଇପିଏଲ୍‌ରୁ ବିଦା ହେଲେ ପଞ୍ଜାବ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୪ର ୫୮ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗ୍‌ସକୁ ୬୦ ରନରେ ପରାସ୍ତ କରିଛି। ଏହି ପରାଜୟ ସହିତ ପଞ୍ଜାବ ଦଳ ଆଇପିଏଲ ୨୦୨୪ରୁ ବିଦା ହୋଇଛି। ୧୨ଟି ମ୍ୟାଚ୍ ପରେ ସେମାନଙ୍କର ଆଠ ପଏଣ୍ଟ ଅଛି ଏବଂ ଦଳ ସର୍ବାଧିକ ୧୨ ପଏଣ୍ଟରେ ପହଞ୍ଚିପାରିବ, ଯାହା ପ୍ଲେ ଅଫରେ ପହଞ୍ଚିବା ପାଇଁ ଯଥେଷ୍ଟ ହେବ ନାହିଁ। ପ୍ଲେ ଅଫ ରେସ୍‌ରୁ ବାଦ୍ ପଡ଼ିବାରେ ମୁମ୍ବାଇ ପରେ ପଞ୍ଜାବ ହେଉଛି ଦ୍ୱିତୀୟ ଦଳ। ଏଥି ସହିତ ଆରସିବି ବିଜୟ ସହିତ ପ୍ଲେ ଅଫ ଆଶାକୁ ଜୀବନ୍ତ ରଖିଛି। ୧୨ଟି ମ୍ୟାଚ୍ ପରେ ତାଙ୍କର ୧୦ ପଏଣ୍ଟ ରହିଛି। ଦଳ ସର୍ବାଧିକ ୧୪ ପଏଣ୍ଟରେ ପହଞ୍ଚିପାରିବ ତଥାପି ସେମାନଙ୍କୁ ଅନ୍ୟ ଦଳର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ। ବେଙ୍ଗାଲୁରୁର ପରବର୍ତ୍ତୀ ଉଭୟ ମ୍ୟାଚ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଛି। ମେ' ୧୨ରେ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ମେ' ୧୮ରେ ଚେନ୍ନାଇ ସୁପର କିଙ୍ଗ୍ସ ସହ ଖେଳିବ।

# ରୋହିତଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ୍ ଜିତୁ : ଯୁବରାଜ

**ନୂଆଦିଲ୍ଲୀ**



ଋପ ସମୟରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ବହୁତ ଭଲ ନିଷ୍ପତ୍ତି ନେଇ ପାରନ୍ତି। ମ୍ୟାଚ୍‌ରେ ତାଙ୍କ ଉପସ୍ଥିତି ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତନ କ୍ରିକେଟର୍ ଯୁବରାଜ ସିଂହ କହିଛନ୍ତି। ଆସନ୍ତା ମାସରୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳାଯିବ। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦଳ ଗୋଟିଏ ବର୍ଷ ବ୍ୟବଧାନରେ ପୁଣି ଥରେ ଆଇସିସି ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବ। ଗତବର୍ଷ ଦିନିକିଆ ବିଶ୍ୱକପ୍‌ରେ ଭାରତ ଅପରାଜେୟ ରହି ଫାଇନାଲ୍‌ରେ ପହଞ୍ଚିଥିଲା। କିନ୍ତୁ ଅଷ୍ଟ୍ରେଲିଆଠୁ ପରାସ୍ତ ହୋଇ ଉପବିଜେତା ହୋଇଥିଲା। ଏବେ ପୁଣି ଥରେ ଭାରତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଟ୍ରଫି ଦାବିଦାର ରହିଛି। ତେଣୁ ବିଶ୍ୱକପ୍‌ରେ ରୋହିତଙ୍କ ସହିତ ତାଙ୍କ ଭଳି ଚିନ୍ତାଧାରା ରଖୁଥିବା ଆଉ ଜଣେ ଖେଳାଳି ସାଥି ପାଇଲେ ଭାରତ ସଫଳତା ପାଇପାରିବ। ରୋହିତଙ୍କ ନେତୃତ୍ୱରେ ଗତବର୍ଷ ଦିନିକିଆ ବିଶ୍ୱକପ୍‌ରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା। ତାଙ୍କ ଅଧୀନରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଥର ଆଇପିଏଲ୍ ଟ୍ରଫି ଜିତିଥିଲା। ତେଣୁ ତାଙ୍କ ନେତୃତ୍ୱ ଉପରେ ଭରସା ରଖିବାକୁ ଯୁବରାଜ କହିଛନ୍ତି। ୨୦୦୭ ମସିହାରେ ରୋହିତ ଭାରତୀୟ ଦଳରେ ପଦାର୍ପଣ କରିବା ଦିନଠୁ ତାଙ୍କ ଉତ୍‌ଥାନ ପତନର ସାକ୍ଷୀ ଅଛନ୍ତି ଯୁବରାଜ। ପୁରୁଣା କଥା ମନେପକାଇ ଯୁବରାଜ କହିଛନ୍ତି ପ୍ରଥମେ ଯେତେବେଳେ ରୋହିତ ଆସିଥିଲେ, ସେତେବେଳେ ବହୁତ ଖରାପ ଇଂରାଜୀ କହୁଥିଲେ। ବହୁତ ମଜାଳିଆ ଥିଲେ। ବୋରିଭଲିରୁ ଆସିଥିବାରୁ ଆମେ ତାଙ୍କୁ ସବୁବେଳେ ଚିଡ଼ାଉଥିଲୁ। କିନ୍ତୁ ତାଙ୍କ ହୃଦୟ ସଂପୂର୍ଣ୍ଣ ନିର୍ମଳ। ଜଣେ ବ୍ୟକ୍ତିତ୍ୱ ଭାବରେ ରୋହିତ ଏବେ ବି ବଦଳି ନାହାନ୍ତି। କ୍ରିକେଟ୍‌ରେ ସେ ମୋର ନିକଟତମ ବନ୍ଧୁମାନଙ୍କ ଭିତରେ ଅନ୍ୟତମ ବୋଲି ଯୁବରାଜ କହିଛନ୍ତି। ତେଣୁ ରୋହିତ ବିଶ୍ୱକପ୍ ଜିତନ୍ତୁ ବୋଲି ଯୁବରାଜ ଆଶା ରଖିଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବେ ରୋହିତ : ଆକ୍ରମ

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ୧୨ ମ୍ୟାଚ୍‌ରେ ୪ ବିଜୟ ସହ ଏମ୍‌ଆଇ ୮ ଅଙ୍କ ପାଇ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି। ବାକି ଥିବା ମ୍ୟାଚ୍ ଦଳ ଜିତିଲେ ବି ପ୍ଲେ ଅଫ୍ ଖେଳିପାରିବ ନାହିଁ। ପାଣ୍ଡ୍ୟାଙ୍କ ପାଇଁ ଏହି ସିଜନ୍ ନିରାଶାଜନକ ଥିଲା। ପ୍ରଥମେ ସେ ପ୍ରଶଂସକଙ୍କ ବିରୋଧର ସାମ୍ନା କରିଥିବା ବେଳେ ପରେ ଟିମ୍‌ରେ ଅନ୍ତଃକନ୍ଦଳର ଖବର ଆସିଥିଲା। ଏମିତିରେ ସବୁଠୁ ବଡ଼ ପ୍ରଶ୍ନ କ'ଣ ପୁଣିଥରେ ରୋହିତଙ୍କୁ ଅଧିନାୟକ କରାଯିବ ନା ରୋହିତ ଅନ୍ୟ ଦଳକୁ ଯିବେ? ଏହି ପ୍ରଶ୍ନର ଜବାବ ପାକିସ୍ତାନର ପୂର୍ବତନ ଅଧିନାୟକ ଏବଂ ସ୍ୱିଂଗର ସୁଲତାନ ୱାସିମ୍ ଆକ୍ରମ ଦେଇଛନ୍ତି। ସ୍ପୋର୍ଟ୍ସକ୍ରୀଡ଼ା ସହ କଥାବାର୍ତ୍ତାରେ ଆକ୍ରମ୍ କହିଛନ୍ତି, ଯେତେଦୂର ଲାଗୁଛି ରୋହିତ ଆସନ୍ତା ବର୍ଷ ମୁମ୍ବାଇରେ ରହିବେ ନାହିଁ। ବହୁତ ଭଲ ଲାଗିବ ଯଦି ସେ କେକେଆର୍ ଯିବେ। ଥରେ ଭାବନ୍ତୁ ରୋହିତ ଓପନିଂ କରିବେ, ଗୌତମ ଗମ୍ଭୀର ମେଣ୍ଟର ହେବେ ଏବଂ ଶ୍ରେୟସ ଆୟର ଅଧିନାୟକ ହେବେ। ଏମିତିରେ ରୋହିତଙ୍କୁ ଖେଳୁଥିବା ଦେଖିବାକୁ ଭଲ ଲାଗିବ।

# ଟି-୨୦ ବିଶ୍ୱକପ୍‌ରେ ସୂର୍ଯ୍ୟ ୩ ନମ୍ବରରେ ଖେଳିବା ଉଚିତ : ଲାରା

**ନୂଆଦିଲ୍ଲୀ**

ଆସନ୍ତା ମାସରେ ହେବାକୁ ଯାଇଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସୂର୍ଯ୍ୟକୁମାର ଭାରତୀୟ ବ୍ୟାଟିଂ କ୍ରମରେ ୩ ନମ୍ବରରେ ଆସିବା ଉଚିତ ବୋଲି ଅନୁଭବ କରୁଛନ୍ତି କିମ୍ବଦନ୍ତୀ କ୍ରିକେଟର ବ୍ରାଏନ ଲାରା। ଆସନ୍ତା ମେଗା ପ୍ରତିଯୋଗିତାରେ ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ହେଲେ ଭଲ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ୨୦୦୭ ଦିନିକିଆ ବିଶ୍ୱକପ୍‌ରେ ଭାରତ ଶୀଘ୍ର ବିଦାୟ ନେବା କାରିବିୟନଙ୍କୁ କ୍ଷତିଗ୍ରସ୍ତ କରିଥିଲା ବୋଲି ସେ କହିଛନ୍ତି।

ଆଶା ଅନୁସାରେ ଭାରତୀୟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖାଯାଇଛି। ଶୁବମନ ଗିଲ୍ ଓ ରିଙ୍କୁ ସିଂଙ୍କ ପରି ଯୁବ ଖେଳାଳିଙ୍କୁ ରିଜର୍ଭରେ ସ୍ଥାନିତ କରାଯାଇଥିବା ବେଳେ ସୂର୍ଯ୍ୟକୁମାର ଯାଦବଙ୍କୁ ମୁଖ୍ୟ ଦଳରେ ସୁଯୋଗ ମିଳିଛି। ଆଗାମୀ ଟୁର୍ଣ୍ଣାମେଣ୍ଟରେ ସୂର୍ଯ୍ୟକୁମାରଙ୍କୁ ଭାରତ ୩ ନମ୍ବରରେ ଖେଳାଇବା ଉଚିତ। ସେ ହେଉଛନ୍ତି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟି୨୦ ଖେଳାଳି। ସାର୍ ଭିଭିଆନ ରିଚ୍‌ଡର୍‌ସଙ୍କ ପରି ଖେଳାଳିଙ୍କୁ ଆପଣ ଯଦି ପଚାରିବେ ତେବେ ଜାଣିବାକୁ ପାଇବେ ଯେ ସେ କିପରି ମିଡିଲରେ ଯାଇ ଖେଳିବାକୁ ପସନ୍ଦ କରନ୍ତି। ସୂର୍ଯ୍ୟକୁମାରଙ୍କ କ୍ଷେତ୍ରରେ ମଧ୍ୟ ତାହା ହେବା ଉଚିତ। ସେ ଜଣେ ଓପନର ନୁହନ୍ତି। ତେଣୁ ଯଥାସମ୍ଭବ ଶୀଘ୍ର ତାଙ୍କୁ କ୍ରିଜ୍‌କୁ ଅଣାଯିବା ଉଚିତ। ଏହା ହେଲେ ସେ ୧୦-୧୫ ଓଭର ବ୍ୟାଟିଂ କରିପାରିବେ। ଯଦି ତାହା ସମ୍ଭବ ହେବ ତେବେ କ'ଣ ହେବ ତାହା ସମସ୍ତେ ଜାଣନ୍ତି ବୋଲି ଷ୍ଟାର ସ୍ପୋଟର୍‌ସ ପକ୍ଷରୁ ସମ୍ବର୍ଦ୍ଧିତ



ହେବା ଅବସରରେ ଲାରା ପ୍ରକାଶ କରିଛନ୍ତି। ଯଦି ଭାରତ ପ୍ରଥମେ ବ୍ୟାଟିଂ କରୁଛି ତେବେ ସୂର୍ଯ୍ୟ ମଜଭୁତ ପୋଜିଶନରେ ପହଞ୍ଚାଇ ପାରିବେ। ଯଦି ଦ୍ୱିତୀୟରେ ବ୍ୟାଟିଂ କରେ ତେବେ ସେ ମ୍ୟାଚ୍ ବିଜେତା ସାବ୍ୟସ୍ତ ହେବେ।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ବ୍ୟାଟିଂ କ୍ରମରେ ସୂର୍ଯ୍ୟ ସାଧାରଣତଃ ୪ ନମ୍ବର ସ୍ଥାନରେ ଆସିଥାନ୍ତି। କୋହଲିଙ୍କୁ ୩ ନମ୍ବରରେ ସୁଯୋଗ ମିଳିଥାଏ। ଲାରାଙ୍କ ପରାମର୍ଶ ଅନୁସାରେ ରୋହିତଙ୍କ ସହ କୋହଲି ଇନିଂସ ଓପନ କରିବେ ଏବଂ ସୂର୍ଯ୍ୟ ୩ ନମ୍ବରରେ ଆସିବା ଉଚିତ। ଏହା ହେଲେ ଯଶସ୍ୱୀ ଜୟସ୍ୱାଲଙ୍କୁ ସ୍ଥାନ ମିଳିବା କଷ୍ଟକର ହୋଇଯିବ। ତେବେ ଯେପରି ହେଉ ସୂର୍ଯ୍ୟଙ୍କୁ ୩ ନମ୍ବରରେ ପଠାଇବା ପାଇଁ ଉପାୟ ବାହାର କରାଯିବା ଆବଶ୍ୟକ ବୋଲି ଲାରା କହିଛନ୍ତି।

୨୦୦୭ ଦିନିକିଆ ବିଶ୍ୱକପ୍‌ରେ ଭାରତ ପ୍ରିଲିମିନାରି ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର ଭଲ ଖେଳି ୱେଷ୍ଟଇଣ୍ଡିଜ ସହ ଫାଇନାଲ ଖେଳିଲେ ଭଲ ହେବ। ଏହା ହେଲେ ୨୦୦୭ରେ ହୋଇଥିବା କ୍ଷତି ଭରଣା ହୋଇପାରିବ। ଏଥିପାଇଁ ୱେଷ୍ଟଇଣ୍ଡିଜକୁ ମଧ୍ୟ ଭଲ ଖେଳିବା ଉଚିତ। ଏହି ଦଳରେ ବ୍ୟକ୍ତିଗତ ଭାବେ ଦେଖିଲେ ଅନେକ ଭଲ ଖେଳାଳି ରହିଛନ୍ତି। ଏହାକୁ ଦଳଗତଭାବେ ପ୍ରଦର୍ଶନରେ ପରିଣତ କରିବାର ଅଛି। ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ହେଲେ ଅତୀତରେ ହୋଇଥିବା ଅନେକ କ୍ଷତି ଭରଣା ହୋଇପାରିବ। ୨୦୦୭ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ଭାରତର ଅନୁପସ୍ଥିତି ଅନୁଭବ ହୋଇଥିଲା, ଏହା ଆଉଥରେ ହେଉ ବୋଲି ଆମେ ଚାହୁଁନୁ। ତେଣୁ ଭାରତ-ୱେଷ୍ଟଇଣ୍ଡିଜ ଫାଇନାଲ ଏବଂ ଶ୍ରେଷ୍ଠ ଦଳ ବିଜୟୀ ହେଲେ ଭଲ ହେବ ବୋଲି ଲାରା ପ୍ରକାଶ କରିଛନ୍ତି।

ଆଇପିଏଲ୍‌ରେ କୋହଲିଙ୍କ ଷ୍ଟ୍ରାଇକ୍ ହାରକୁ ନେଇ ଅନେକ ଆଲୋଚନା ହେଉଛି। ମାତ୍ର ଲାରାଙ୍କ ମତରେ କୋହଲିଙ୍କ ଭଳି ଖେଳାଳି ସବୁବେଳେ ପ୍ଲେଇଂ ଇଲେଭେନରେ ଆବଶ୍ୟକ ଥାଏ। ଭାରତ ୪ ସ୍ପିନରଙ୍କୁ ଦଳରେ ନେଇଥିଲେ ହେଁ ଯୁଜବେନ୍ଦ୍ର ଚହଲ ଅଧିକ ଉପଯୋଗୀ ହେବେ ବୋଲି ସେ ଅନୁଭବ କରୁଛନ୍ତି। ସେହିପରି କୁଲଦୀପ ଯାଦବ ୱିକେଟ ନେବାକୁ ସକ୍ଷମ ବୋଲି ସେ କହିଛନ୍ତି।

# ରାଜନୈତିକ ଦଳଗୁଡ଼ିକ ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ବିଭିନ୍ନ ପର୍ଯ୍ୟବେକ୍ଷକଙ୍କ ବୈଠକ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ସ୍ୱରୂପ ସାଧାରଣ, ପୋଲିସ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଆନନ୍ଦପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭା ଗୃହଠାରେ ଉପଜିଲ୍ଲାପାଳ ଫାଲଗୁନି ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜ କମଲ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଉକ୍ତ ବୈଠକରେ ପ୍ରମୁଖ ରାଜନୈତିକ



ଦଳର ପ୍ରତିନିଧି, ଆଇଏସ ପ୍ରୋବେସନର ପ୍ରେକ୍ଷା ଅଗ୍ରାଲ, ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଘଷିପୁରା ରିଟର୍ଣ୍ଣିଙ୍ଗ ଅଫିସର କିଶୋର କୁମାର ପଣ୍ଡା ଓ ସହକାରୀ ଜିଲ୍ଲାପାଳ ବନଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଥିଲା ବେଳେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କିତ ଆଇନଗତ ବ୍ୟବସ୍ଥା, ନିର୍ଭୁଲ ଓ ଠିକ୍ ସମୟରେ ହିସାବ ଦାଖଲ ଏବଂ ଏହାକୁ ପାଳନ ନକରିବା ଫଳରେ ଉପୁଜୁଥିବା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଶେଷରେ ନିର୍ବାଚନ ପରିଚାଳନା ନିୟମ ଅନୁଯାୟୀ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଉପଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀଙ୍କ ସହଯୋଗ କାମନା କରିଥିଲେ।

# ୨୦ କୋଟି ଅଫର୍ ଦେଲେ ବି ଆଇପିଏଲ୍ ଖେଳିବେ ନାହିଁ ବାବର : ରମିଜ

**ଇସଲାମାବାଦ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ନେଇ ସାରା ବିଶ୍ୱରେ କ୍ରେଜ୍ ଅଧିକ ରହିଛି। ଏହା ଏଭଳି ଏକ ଟୁର୍ଣ୍ଣାମେଣ୍ଟ ଯେଉଁଠି ରାତାରାତି ଯେକୌଣସି ଖେଳାଳିର ଭାଗ୍ୟ ବଦଳାଇ ଦେଇପାରେ। ଅଚିହ୍ନା, ଅପରିଚିତରୁ ଷ୍ଟାର କରିପାରେ। କେବଳ ଏତିକି ନୁହେଁ ଏହାର ଅନେକ ଉଦାହରଣ ରହିଛି, ଯେଉଁଠାରେ ଆଇପିଏଲ୍ ଖେଳାଳିଙ୍କ କ୍ରିକେଟ କ୍ୟାରିୟର ସମ୍ପୂର୍ଣ୍ଣ ଭାବେ ବଦଳାଇଦେଇଛି। ଏହି କାରଣରୁ ପ୍ରତ୍ୟେକ ଖେଳାଳି ଏହି ଲିଗ୍‌ରେ ଖେଳିବାର ସ୍ୱପ୍ନ ଦେଖିଥାନ୍ତି। ପାକିସ୍ତାନର ଯୁବ ଖେଳାଳିମାନେ ମଧ୍ୟ ଏହି ଲିଗ୍‌ରେ ଖେଳିବାର ସ୍ୱପ୍ନ ଦେଖିଥାନ୍ତି। ହେଲେ ସେମାନେ ଚାହିଁଲେ ବି ତାହା ହୋଇପାରିବ ନାହିଁ। ୨୦୦୮ ଆଇପିଏଲ୍ କିନ୍ତୁ ଭିନ୍ନ ଥିଲା। ଏଥିରେ ପାକିସ୍ତାନର ଖେଳାଳିମାନେ ଖେଳିଥିଲେ। ଏହାପରେ ମୁମ୍ବାଇ ଆକ୍ରମଣକୁ ନେଇ ଲିଗ୍‌ରେ ପାକିସ୍ତାନ ଖେଳାଳିଙ୍କ ଉପରେ ବ୍ୟାନ୍ ଲଗାଯାଇ ଥିଲା। ଏବେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପୂର୍ବତନ ଅଧ୍ୟକ୍ଷ ରମିଜ ରାଜା ଆଇପିଏଲ୍ ଏବଂ ବାବର ଆଜମଙ୍କୁ ନେଇ ବଡ଼ ପ୍ରତିକ୍ରିୟା ଦେଇଛନ୍ତି। ଯଦି ଆଇପିଏଲ୍ ଫ୍ରାଞ୍ଚାଇଜ୍ ବାବର ଆଜମଙ୍କୁ ୨୦ କୋଟି ବି ଅଫର୍ ଦିଏ ତେବେ ବି ସେ ତାହାକୁ ସ୍ୱୀକାର କରିବେ ନାହିଁ। କାରଣ ସେ ଜଣେ ଦେଶଭକ୍ତ ବୋଲି ରମିଜ କହିଛନ୍ତି।

# ବିଜେଡ଼ିରେ ଯୋଗଦେଲେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଉପେନ୍ଦ୍ର ମେହେରଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଉପେନ୍ଦ୍ର ମେହେର ଓ ଶତାଧିକ କଂଗ୍ରେସ କର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କଂଗ୍ରେସ ନେତା ଉପେନ୍ଦ୍ର ମେହେର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଜିଲ୍ଲାପରିଷଦ ଦେବଦତ୍ତ ସରାଫ, ସମାଜସେବୀ ଯୋଗେନ୍ଦ୍ର ମିଶ୍ର, ପରମେଶ୍ୱର ମେହେର, ଯଯାତି କେଶରୀ ମେହେର, କୃଷକ ସାଥୀ ରଘୁନାଥ ବେହେରା, ମାଳି ସମାଜର ସଦସ୍ୟ ସୁବାସ ପଟେଲ, ଗୁପ୍ତେଶ୍ୱର ପଟେଲଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅକ୍ଷିମୁଠି ଅନୁକୂଳ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଦ୍ୟାଧରପୁର ଓ ବୟାଳିଶ ମୌଜା ଶାଖା ଦ୍ୱାରା ମିଳିତ ଆନୁକୂଲ୍ୟରେ କଦମପଡ଼ା ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ ଓ ପ୍ରଶାସନିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଶ୍ରୀ ମୁଗୁଗନ ଚାଷୀମାନଙ୍କୁ ଉତ୍ସାହିତ କରି ଅକ୍ଷିମୁଠି ଅନୁକୂଳ କରିଥିଲେ ଓ କୃଷି କାର୍ଯ୍ୟକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷକମାନଙ୍କୁ ପ୍ରୋତ୍ସାହନ ପୂର୍ବକ କୃଷିଋଣ ପ୍ରଦାନ କରାଯାଇଥିଲା। ଷ୍ଟେଟ୍ ବ୍ୟାଙ୍କ କଟକ ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସପ୍ତରଥୀଙ୍କ ଜନନୀ

**ପ୍ରଫେସର ଡ. ସଂଜୟ କୁମାର ସାମନ୍ତରାୟ**

ଜନନୀ ବା ମା' ହେବାର ସୁଯୋଗ ନାରୀମାନଙ୍କ ପାଇଁ ଗର୍ବ, ଗୌରବ ଓ ମର୍ଯ୍ୟାଦାର କଥା। କିନ୍ତୁ ପ୍ରତ୍ୟେକ ମହିଳାଙ୍କ ଭାଗ୍ୟରେ ଏ ସୁଯୋଗ ମିଳେନି। ଶ୍ରୀମତୀ ତିଳୋତ୍ତମା ସାମନ୍ତରାୟ ଥିଲେ ସାତ ପୁଅଙ୍କର ଜନନୀ। ଖୁବ୍ କମ୍ ସ୍ତ୍ରୀଲୋକଙ୍କ ଭାଗ୍ୟରେ ଏ ସୌଭାଗ୍ୟ ଜୁଟେ।

ତା ୩୦.୦୪.୨୦୨୪ରିଖ ମଙ୍ଗଳବାର ଦିବା ଘ.୧୨.୨୫ମି. ସମୟରେ ସପ୍ତରଥୀଙ୍କ ଜନନୀ ୰ତିଳୋତ୍ତମା ସାମନ୍ତରାୟ ୧୦୨ ବର୍ଷ ବୟସରେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇଦେଇ ଇହଲୀଳା ସମ୍ବରଣ କରିଛନ୍ତି। ତିଳୋତ୍ତମାଙ୍କ ଜନ୍ମ ୧୯୨୨ ମସିହା କେନ୍ଦ୍ରାପଡ଼ାର ବାହାକଣ୍ଡିଆ ଗ୍ରାମରେ। ସେ ସମୟରେ ପାଠ ପଢ଼ିବା ପାଇଁ ଝିଅମାନଙ୍କ ନିମନ୍ତେ ଆଜିଦିନ ପରି ସୁଯୋଗ ଆସି ନ ଥିଲା। ମାତ୍ର ତାଙ୍କ ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ ଓ ସଫଳ କରାଇବାରେ ତିଳୋତ୍ତମାଙ୍କର ପ୍ରୟାସ ଓ ପ୍ରଯତ୍ନ ଖୁବ୍ ଉଚ୍ଚସ୍ତରର ଥିଲା।

ତିଳୋତ୍ତମା ବିବାହ ହୋଇଥିଲା କରିଲୋପାଟଣା ଗ୍ରାମର ୰ଯଦୁମଣି ସାମନ୍ତରାୟଙ୍କ ସହିତ। ତାଙ୍କର ଦୁଇଭାଇ ୰ନିଶାମଣି ଓ ନଟବର। ତିଳୋତ୍ତମା ଥିଲେ ଘରର ବଡ଼ ବୋହୂ। ବଡ଼ ପରିବାରର ଯାବତୀୟ ଗୃହକାର୍ଯ୍ୟ ନିର୍ଦ୍ଦ୍ୱନ୍ଦ୍ୱରେ ସେ ତୁଲାଉଥିଲେ। କାଳକ୍ରମେ ତିଳୋତ୍ତମାଙ୍କ ଔରସରୁ ସାତଟି ପୁତ୍ର ସନ୍ତାନ ଜନ୍ମଲାଭ କରିଥିଲେ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲା; ହେଲେ ତାହାରି ଭିତରେ ପିଲାମାନଙ୍କୁ ପାଠ ପଢ଼ାଇ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇବାରେ ତିଳୋତ୍ତମା ଜଣେ ଆଦର୍ଶ ଜନନୀର ଭୂମିକା ନିର୍ବାହ କରିଥିଲେ।

ବଡ଼ପୁଅ ପଦ୍ମଚରଣ ସାମନ୍ତରାୟ କେନ୍ଦ୍ରାପଡ଼ା କଲେଜର ପଦାର୍ଥ ବିଜ୍ଞାନର ମୁଖ୍ୟ ଭାବେ ଅବସର ନେଇଛନ୍ତି। ଦ୍ୱିତୀୟ ପୁତ୍ର ଗୌରାଙ୍ଗ ଚରଣ ଜଣେ ସୁନାମଧନ୍ୟ ଡାକ୍ତର ଭାବେ ଦୀର୍ଘ ୫୦ ବର୍ଷର ଊର୍ଦ୍ଧ୍ୱ ସମୟ ଧରି କରିଲୋପାଟଣା ଅଞ୍ଚଳର ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଆସୁଛନ୍ତି। ତୃତୀୟ ପୁତ୍ର କେଦାରନାଥ ଜଣେ ଉଚ୍ଚକୋଟିର ସମାଜସେବୀ ଚତୁର୍ଥ ପୁତ୍ର ଭ୍ରମରବର ରାଉରକେଲାର ବନ୍ଧମୁଣ୍ଡା କଲେଜର ଅଧକ୍ଷ ଭାବେ ଅବସର ନେଇଛନ୍ତି। ପଞ୍ଚମ ପୁତ୍ର ୰ପ୍ରମୋଦ ବାଲେଶ୍ୱର ବି.ଏଡ୍ କଲେଜର ଅଧ୍ୟାପକ ଥିବା ସମୟରେ ୧୯୯୮ ମସିହାରେ ମହାନଦୀ ପୋଲ ଉପରେ ବସ୍ ଖସିପଡ଼ିବା ଫଳରେ ୪୭ ଜଣଙ୍କ ସହ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ସହଧର୍ମିଣୀ ନମିତା ପାତ୍ର କେନ୍ଦ୍ରାପଡ଼ା କଲେଜରୁ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଭାବେ ଅବସର ନେଇଛନ୍ତି। ଷଷ୍ଠପୁତ୍ର ସଚ୍ଚିଦାନନ୍ଦ କୋରୁଆ ମହାବିଦ୍ୟାଳୟରୁ ଗଣିତ ବିଭାଗର ମୁଖ୍ୟ ଭାବେ ଅବସର ନେଇଛନ୍ତି। ସପ୍ତମ ପୁତ୍ର ଇଞ୍ଜିନିୟର ନେହେରୁ ସାମନ୍ତରାୟ ଆମେରିକାର ଜର୍ଜିଆ ଷ୍ଟେଟ୍‌ରେ ଏକ ଅନ୍ତର୍ଜାତୀୟ କମ୍ପାନୀରେ ଉଚ୍ଚ ପଦସ୍ଥ ଅଫିସର ଭାବେ କାର୍ଯ୍ୟରତ।



୰ତିଳୋତ୍ତମା ସାମନ୍ତରାୟଙ୍କ ଦ୍ୱାଦଶାହ ପାଳନ ଅବସରରେ

ତିଳୋତ୍ତମା ସପ୍ତରଥୀଙ୍କର ମା' ଭାବରେ ଥିଲେ ସ୍ୱର୍ଣ୍ଣ-ଗର୍ଭା, ଅପର ପକ୍ଷରେ ନିଜ ଅଞ୍ଚଳର ସମସ୍ତଙ୍କ ପାଇଁ ମାତୃତ୍ୱର ମୂର୍ତ୍ତିମନ୍ତ ପ୍ରେରଣା ଓ ପ୍ରତୀକ। ତାଙ୍କ ଆଦର୍ଶରେ ନାରୀଜାତି ଅନୁପ୍ରାଣିତ ହେଲେ - ଏହା ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି - ତାଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରୁ। ସପ୍ତରଥୀ ଜନନୀଙ୍କୁ ମୋର ଭକ୍ତିପୂର୍ଣ୍ଣ କୋଟି କୋଟି ପ୍ରଣାମ। ଓଁ ଶାନ୍ତି।

**ପ୍ରତିଷ୍ଠାତା ସଭାପତି,**
**ଭାରତୀୟ ଜଳବାୟୁ କଂଗ୍ରେସ**

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ୍**

ପ୍ରାଣୀ ବିଜ୍ଞାନର ଭବିଷ୍ୟତ : ନୂତନ ଆବିଷ୍କାର ଏବଂ ଆହ୍ୱାନ ଏହି ମୁଖ୍ୟ ପ୍ରସଙ୍ଗକୁ ଭିତ୍ତି କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତାରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇଥିଲା। ଏହି ଉତ୍ପାଦସଂପନ୍ନ ଏବଂ ଅଭିନବ ବିଷୟବସ୍ତୁର ଆଲୋଚନା ପ୍ରାଣୀବିଜ୍ଞାନୀ ଓ ଗବେଷକଗଣଙ୍କୁ ନୂତନ ତଥ୍ୟ ପ୍ରଦାନ କରିବ ବୋଲି କୁଳପତି ନିଜ ଅଭିଭାଷଣରେ ଆଶାପୋଷଣ କରିଥିଲେ।

ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଯୋଗଦେଇ ଆୟୋଜକ ବିଭାଗକୁ ଅଭିନନ୍ଦନ ଜଣାଇ ସମ୍ମିଳନୀର ଆଭିମୁଖ୍ୟର ସଫଳତା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ କଲିକତା ସ୍ଥିତ ଆଇସିଏଆର-ସିଆଇଏଫଆରଆଇର ନିର୍ଦ୍ଦେଶକ ଡକ୍ଟର ବସନ୍ତ କୁମାର ଦାସ ଯୋଗଦେଇ ପ୍ରାଣୀମାନଙ୍କ ଜୀବନ ଉପରେ ଅସୁରକ୍ଷିତ ପ୍ରଭାବ ପକାଉଥିବା କାରଣ ସଂପର୍କରେ ଆଲୋକପାତ କରିଥିଲେ। ଏଥିସହ ଇନଷ୍ଟିଚ୍ୟୁଟ ଅଫ ଲାଇଫ




ସାଇନ୍ସ, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାସ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରାଣୀ ବିଜ୍ଞାନର ଗବେଷଣା କ୍ଷେତ୍ରରେ ନୂତନ ଆବିଷ୍କାର ସହିତ ଭବିଷ୍ୟତର ଆଶା ଓ ଉଦ୍ଭାବନମୂଳକ ମନୋଭାବ ନେଇ ଶିକ୍ଷାଲାଭ କରିବାକୁ ପରାମର୍ଶ ଦେଇଥିଲେ। ଡକ୍ଟର ଦାସ ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସର ବିଭିନ୍ନ କାର୍ଯ୍ୟକଳାପ ସଂପର୍କରେ ଅବଗତ କରାଇଥିଲେ।

ଏହି ଅବସରରେ ମୁଖ୍ୟବକ୍ତା ଭାବେ ଆସାମ ସ୍ଥିତ ଆସାମ ଡନ୍ ବସ୍କୋ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଏରିମିଟସ୍, ପ୍ରଫେସର ସୁଶୀଳ କୁମାର ଦତ୍ତ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଶୁପକ୍ଷୀଙ୍କ ହିତ ସାଧନ ପାଇଁ ଉଦ୍ଦିଷ୍ଟ ପ୍ରୟାସ ଗୁଡ଼ିକର ପ୍ରଶଂସା କରିଥିଲେ ଓ ଜୈବ ବିବିଧତାର ବିକାଶ ନିମନ୍ତେ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ।

ପ୍ରାଣୀ ବିଜ୍ଞାନର ଭବିଷ୍ୟତ ଅନୁସନ୍ଧାନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ଓ ମୁଖ୍ୟ ଉପାଦାନଗୁଡ଼ିକ କିପରି ପରିଚାଳନା କରାଯିବ, ଏହାର ସଂରକ୍ଷଣ ତଥା ପଶୁ ସମ୍ପଦର ଉତ୍ପାଦନକୁ ସ୍ଥାୟୀ ପଦ୍ଧତିରେ ବୃଦ୍ଧି କରିବା ସହିତ ଏ ଦିଗରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଆଲୋଚନା କରିବାର ଲକ୍ଷ୍ୟ ନେଇ ଏହି ଆଲୋଚନାଚକ୍ର ଆୟୋଜିତ କରାଯାଇଥିଲା। ରାଷ୍ଟ୍ର ନିର୍ମାଣ ପାଇଁ ପ୍ରାଣୀ ଓ ଜୈବ ବିବିଧତାର ବିଶ୍ୱସ୍ତରୀୟ ପ୍ରୟୋଗ, ସମ୍ପ୍ରତି ଆଭିମୁଖ୍ୟ ଏବଂ ପ୍ରାଣୀ ବିଜ୍ଞାନ ଅନୁସନ୍ଧାନ କାର୍ଯ୍ୟକ୍ରମରେ ବ୍ୟବହୃତ ମର୍ଫୋଲୋଜି ଠାରୁ ଅଣୁ ବିଶ୍ଳେଷଣ ପର୍ଯ୍ୟନ୍ତ ଏବଂ ବ୍ୟକ୍ତିଗତ ସ୍ତରରୁ ବିଶ୍ୱ ସ୍ତରକୁ ପହଞ୍ଚାଇବାର ଉପରେ ମଧ୍ୟ ଧ୍ୟାନ ଦିଆଯିବାର ପ୍ରୟାସ ନେଇ ଏହି ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଗବେଷକ, ବିଶେଷଜ୍ଞ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

ଏଥିସହିତ ଅନୁଷ୍ଠିତ ଦୁଇଟି ବୈଷୟିକ ଅଧିବେଶନରେ ପ୍ରାୟ ୨୦ ଜଣ ଗବେଷକ ଓ ବିଶେଷଜ୍ଞ ଅଂଶଗ୍ରହଣ କରି ପ୍ରମୁଖ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ସମ୍ମିଳନୀର ସଂଯୋଜକ ଭାବେ ପ୍ରଫେସର ଭାସ୍କର ବେହେରା କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଡକ୍ଟର ନାଳାଦ୍ରୀ ଭୂଷଣ କର ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ସଂପର୍କରେ ଦୃଷ୍ଟିପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ଓ ସମ୍ମିଳନୀକୁ ଡକ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ ସଂଚାଳନ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



# ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ପ୍ରାନ୍ତକୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମଗ୍ର ଦେଶରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଗ୍ରୀଷ୍ମ ସମୟରେ ନିୟମିତ ଟ୍ରେନରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ଘୋଷଣା କରିଛି । ଏହି ଟ୍ରେନ୍ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ସହିତ ସୁବିଧାଜନକ, ଆରାମ ଏବଂ ନିରାପଦ ଯାତ୍ରା ପ୍ରଦାନ କରାଇ ଗ୍ରୀଷ୍ମ ଋତୁ ରେ ଯାତ୍ରୀ ମାନଙ୍କୁ ସ୍ମରଣୀୟ ଯାତ୍ରା ଅନୁଭୂତି କରାଇବାକୁ ବ୍ୟବସ୍ଥା କରିଛି । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ପୂର୍ବରୁ ସ୍ୱତନ୍ତ୍ର ଟ୍ରେନ୍ ସେବା ଘୋଷଣା କରିଥିଲା । ଏହା ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ଯାତ୍ରା ଆବଶ୍ୟକତାକୁ ପୂରଣ କରିବା ସହିତ ଯାତ୍ରୀମାନଙ୍କ ଯେପରି ଏବଂ ସୁବିଧାଜନକ ଓ ଆରାମଦାୟକ ଯାତ୍ରା ଅଭିଜ୍ଞତା ପାଇପାରିବେ ଏବଂ ସେମାନେ ନିଜସ୍ୱ ଶୈଳୀରେ ଭ୍ରମଣ କରିବାକୁ ଉପଭୋଗ ଯାତ୍ରା ସୁନିଶ୍ଚିତ କରାଉଛି । ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ସେବା ସୁବିଧାଜନକ ସମୟ କାର୍ଯ୍ୟସୂଚୀରେ ଚଳାଚଳ କରିବ, ଯାତ୍ରୀମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଯାତ୍ରା ଯୋଜନା କରିବାକୁ ନମନୀୟତା ପ୍ରଦାନ କରିବ । ଏହା ଏକ ୱିକେଣ୍ଡ ଗେଟୱେ ହେଉ କିମ୍ବା ବର୍ଦ୍ଧିତ ଛୁଟିଦିନ, ସ୍ୱତନ୍ତ୍ର ଟ୍ରେନ୍ ସୁବିଧାଜନକ ଯାତ୍ରା ପାଇଁ ଉପଯୁକ୍ତ ପ୍ରାବଧାନ ପ୍ରଦାନ କରୁଛି । ଏହା ପୂର୍ବରୁ ପୂର୍ବତଟ ରେଳପଥ ଦ୍ୱାରା ଘୋଷଣା କରାଯାଇଥିବା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ବ୍ୟତୀତ ଆହୁରି ଅଧିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ପଦକ୍ଷେପ ଗ୍ରହଣ କରିଛି ଯାହାକି ବର୍ତ୍ତମାନ ଯାତ୍ରୀମାନଙ୍କ ଯାତ୍ରା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମାର୍ଗରେ ଚଳାଚଳ କରାଇବାକୁ ଯୋଜନା କରାଯାଇଅଛି । ଏହି ଟ୍ରେନ୍ ଗୁଡିକ ହେଉଛି ଭୁବନେଶ୍ୱର-ମୁମ୍ବାଇ ଏଲଟିଟି, ବ୍ରହ୍ମପୁର-ସିକନ୍ଦରାବାଦ, ବ୍ରହ୍ମପୁର-ସୁରଟ ଇତ୍ୟାଦି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ । ଏହା ବ୍ୟତୀତ ନିୟମିତ ଟ୍ରେନ ସହିତ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ଯାତ୍ରୀ ପ୍ରୋଫାଇଲକୁ ସମୀକ୍ଷା କରି ପୂର୍ବତଟ ରେଳପଥ ମଧ୍ୟ ନିୟମିତ ଟ୍ରେନରେ ଯାତ୍ରୀଙ୍କ ଭିଡ଼ ଏଡ଼ାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳକୁ ସିଙ୍ଗଲ୍ ଟ୍ରିପ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା କରୁଛି । ଯାତ୍ରୀମାନେ ମଧ୍ୟ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରନ୍ତି ଏବଂ ସେମାନଙ୍କ ଗନ୍ତବ୍ୟ ସ୍ଥଳ ପାଇଁ ସେମାନଙ୍କ ବୋର୍ଡିଂ ପଏଣ୍ଟରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସମୟ ସମ୍ବନ୍ଧରେ ଅବଗତ ହୋଇ ଯାତ୍ରା ଯୋଜନା କରି ପାରନ୍ତି ଯେଉଁଠାରେ ସେମାନେ ସେମାନଙ୍କର ଆରାମଦାୟକ ଯାତ୍ରା ପାଇଁ ନିଶ୍ଚିତ ଟିକେଟ୍ ପାଇପାରିବେ । ଏହି ଟ୍ରେନ୍ ଗୁଡିକ ହେଉଛି ସମ୍ବଲପୁର-କାଚେଗୁଡା, ଖୋର୍ଦ୍ଧା ରୋଡ୍-ସିକନ୍ଦରାବାଦ, ଭୁବନେଶ୍ୱର-ପୁଣେ, ଭୁବନେଶ୍ୱର-ମୁମ୍ବାଇ ଉଝଗଞ୍ଜ, ପୁରୀ-ପାଲଡିହ (ମହାରାଷ୍ଟ୍ର), ଭୁବନେଶ୍ୱର-ଚେନ୍ନାଇ, ସମ୍ବଲପୁର-ଚେନ୍ନାଇ, ଭୁବନେଶ୍ୱର-ବେଙ୍ଗାଲୁରୁ, ବ୍ରହ୍ମପୁର-କାଚେଗୁଡା ଇତ୍ୟାଦି । ୦୮୪୨୦/୦୮୪୧୯ ଭୁବନେଶ୍ୱର-ମୁମ୍ବାଇ, ଏଲଟିଟି-ଭୁବନେଶ୍ୱର ସାପ୍ତାହିକ ଗ୍ରୀଷ୍ମ ସ୍ପେଶାଲ୍ ୮ ମଇରୁ ୨୬ ଜୁନ୍ ୨୦୨୪ ମଧ୍ୟରେ ପ୍ରତ୍ୟେକ ବୁଧବାର ଦିନ ଭୁବନେଶ୍ୱର ଠାରୁ ରାତ୍ରି ୧୧ ଘଟିକାରେ ଛାଡିବ । ଫେରିବା ମାର୍ଗରେ, ଏହି ଟ୍ରେନ୍ ମୁମ୍ବାଇ, ଏଲଟିଟି ରୁ ୧୦ ମେ'ରୁ ୨୮ ଜୁନ୍ ୨୦୨୪ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ଅପରାହ୍ନ ୦୧ଘ. ୨୦ମି.ରେ ଛାଡିବ । ୦୭୦୩୫/୦୭୦୩୬ ସିକନ୍ଦରାବାଦ-ବ୍ରହ୍ମପୁର-ସିକନ୍ଦରାବାଦ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ୧୧ ଏବଂ ୧୪ ମଇ ୨୦୨୪ ରେ ସିକନ୍ଦରାବାଦ ଠାରୁ ରାତ୍ରି ୦୮ଘ. ୪୫ମି.ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହା ବ୍ରହ୍ମପୁରରୁ ୧୨ ଏବଂ ୧୫ ମଇ ୨୦୨୪ରେ ଅପରାହ୍ନ ୧୨ଘ.୪୫ମି.ରେ ଛାଡ଼ିବ । ୦୯୦୫୯/୦୯୦୬୦ ସୁରଟ-ବ୍ରହ୍ମପୁର-ସୁରଟ ସ୍ପେଶାଲ ୨୨ ମଇରୁ ୨୬ ଜୁନ୍ ୨୦୨୪ ମଧ୍ୟରେ ପ୍ରତ୍ୟେକ ବୁଧବାର ଦିନ ସୁରଟରୁ ଅପରାହ୍ନ ୦୨ଘ.୨୦ମି.ରେ ଛାଡିବାକୁ ଥିବା ବେଳେ ଏହା ଫେରିବା ମାର୍ଗରେ ୨୪ ମଇରୁ ୨୮ ଜୁନ୍, ୨୦୨୪ ମଧ୍ୟରେ ବ୍ରହ୍ମପୁରରୁ ଭୋର ୦୪ଘ.୩୦ମି.ରେ ଛାଡିବ । ୦୬୧୦୭/୦୬୧୦୮ ଚେନ୍ନାଇ ଏଗମୋର-ଭୁବନେଶ୍ୱର-ଚେନ୍ନାଇ ଏଗମୋର ସ୍ୱତନ୍ତ୍ର ଟ୍ରେନ୍ ୧୧ ମଇ ଏବଂ ୧ ଜୁନ୍ ୨୦୨୪ ରେ ଚେନ୍ନାଇ ଏଗମୋରରୁ ପୂର୍ବାହ୍ନ ୧୦ଘ. ୩୦ମି.ରେ ଛାଡିବ । ଫେରିବା ମାର୍ଗରେ ଏହି ଟ୍ରେନ ୧୨ ମଇ ଏବଂ ୭ ଜୁନ୍, ୨୦୨୪ ରେ ଭୁବନେଶ୍ୱରରୁ ପୂର୍ବାହ୍ନ ୦୯ଘ.୩୦ମି.ରେ ଛାଡି ଚେନ୍ନାଇ ଯାତ୍ରା କରିବ । ୦୬୧୦୯/୦୬୧୧୦ ଚେନ୍ନାଇ ଏଗମୋର-ସମ୍ବଲପୁର-ଚେନ୍ନାଇ ଏଗମୋର ସ୍ପେଶାଲ ଟ୍ରେନ୍ ୧୮ ମଇ ଏବଂ ୭ ଜୁନ୍ ୨୦୨୪ ରେ ଚେନ୍ନାଇ ଏଗମୋରରୁ ପୂର୍ବାହ୍ନ ୧୦ଘ.୩୦ମି.ରେ ଛାଡିବ । ଫେରିବା ମାର୍ଗରେ ଏହି ଟ୍ରେନ ୧୯ ମଇ ଏବଂ ୮ ଜୁନ୍, ୨୦୨୪ ରେ ସମ୍ବଲପୁରରୁ ପୂର୍ବାହ୍ନ ୧୧ଘ.୩୫ମି.ରେ ଛାଡି ଚେନ୍ନାଇ ଏଗମୋର ଯାତ୍ରା କରିବ । ଯେହେତୁ ଆମେ ଗ୍ରୀଷ୍ମ ଋତୁରେ ବର୍ତ୍ତମାନ ଉପଯୋଗ କରୁଛୁ, ପୂର୍ବତଟ ରେଳପଥ ଏହାର ମୂଲ୍ୟବାନ ଯାତ୍ରୀଙ୍କ ବିଭିନ୍ନ ଭ୍ରମଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ୍ ସେବା ପ୍ରବର୍ତ୍ତାଇବାରେ ଆନନ୍ଦିତ ଅନୁଭବ କରୁଛି । ଏହା ଏକ ଦୀର୍ଘଯାତ୍ରା ହେଉ କିମ୍ବା ଏକ ଅବକାଶ ଛୁଟି କିମ୍ବା ବ୍ୟବସାୟ ଯାତ୍ରା; ସମସ୍ତଙ୍କ ପାଇଁ ଏକ ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଭ୍ରମଣ ଅଭିଜ୍ଞତା ପ୍ରଦାନ କରିବାକୁ ପୂର୍ବତଟ ରେଳପଥ ପ୍ରତିବଦ୍ଧ । ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ବ୍ୟତୀତ ପୂର୍ବ ତଟ ରେଳପଥ ଚାହିଦା ଥିବା ଲୋକପ୍ରିୟ ଟ୍ରେନ ମାନଙ୍କରେ ଅଧିକ କୋଚ୍ ସଂଯୋଗ କରାଇ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପ୍ରୟାସ ଜାରିରଖିଛି ।

# ଭାରତୀୟ ପୋଲିସ ସେବା ଶିକ୍ଷାନବିସମାନଙ୍କୁ ନିର୍ବାଚନ ପରିଚାଳନା ସମ୍ବନ୍ଧରେ ସୂଚିତ କଲେ ସିଇଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ପୋଲିସ ସେବା (ଆର. ଆର.-୨୦୨୩)ର ୫୭ ଜଣ ଶିକ୍ଷାନବିସ ଅଧିକାରୀ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଠାରୁ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ପରିଚାଳନା ସମ୍ବନ୍ଧରେ ଅବଗତ ହୋଇଛନ୍ତି । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶିକ୍ଷାନବିସ ଅଧିକାରୀ ମାନଙ୍କୁ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥ ମିଡ଼ିଆ ସେଣ୍ଟରରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟ



ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସମସ୍ତ ଶିକ୍ଷାନବିସ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ଧଳ ନିର୍ବାଚନ ପ୍ରକ୍ରିୟାର ତୃଣମୂଳ ସ୍ତରରୁ ଆଲୋଚନା କରି ମତଦାତା ତାଲିକାରେ କିପରି ସମସ୍ତ ବର୍ଗ ଓ ଅଂଚଳର ମତଦାତାମାନଙ୍କୁ ସାମିଲ କରି ଏକ ସମାବେଶୀ ମତଦାତା ତାଲିକା ପ୍ରସ୍ତୁତ କରାଯାଇଛି ତାହା ଦର୍ଶାଇଥିଲେ । ସାଧାରଣ ନିର୍ବାଚନ-୨୦୨୪ ପାଇଁ ପ୍ରଥମ ଥର ମତଦାତା , ଯୁବ ମତଦାତା, ମହିଳା, ତୃତୀୟ ଲିଙ୍ଗ ଓ ଅନ୍ୟାନ୍ୟ ସମସ୍ତ ବର୍ଗର ମତଦାତାମାନଙ୍କୁ ମିଶାଇ ୩.୩୬ କୋଟି ମତଦାତାଙ୍କର ଏକ ସମ୍ମିଳିତ ତାଲିକା ପ୍ରସ୍ତୁତ କରା ଯାଇଛି । ବିଏଲ୍ଓ ମାସ୍କଟ୍ 'ମିତାଦିଦି' ବିଷୟରେ ଆଲୋଚନା କରି ଶ୍ରୀ ଧଳ ସେମାନଙ୍କୁ 'ବୁଥ୍ ସ୍ତରର ଅଧିକାରୀ: ଗଣତନ୍ତ୍ରର ପ୍ରହରୀ' ରୂପେ ଅଭିହିତ କରିଥିଲେ । ଏହି ଅବସରରେ ଓଡ଼ିଶାର ମତଦାତା ଲିଙ୍ଗ ଅନୁପାତ ୯୭୪କୁ ବୃଦ୍ଧି ପାଇଁ କରାଯାଇଥିବା ପ୍ରୟାସକୁ ଶିକ୍ଷାନବିସ ଅଧିକାରୀମାନେ ଭୂୟସୀ ପ୍ରଶଂସା କରିଥିଲେ ।

ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରି ମୁଖ୍ୟ ନିର୍ବାଚନ ଅଧିକାରୀ ସାଧାରଣ ପ୍ରଶାସନ ଓ ପୋଲିସ ପ୍ରଶାସନ କିଭଳି ଭାବରେ ସମସ୍ତ ସ୍ତରରେ ଏକ ଟିମ୍ ଭଳି କାର୍ଯ୍ୟ କରୁଛନ୍ତି, ତାହା ଅବଗତ କରାଇଥିଲେ । ମାଓପ୍ରବଣ ଅଞ୍ଚଳରେ ନିର୍ବାଚନ ପାଇଁ କେଉଁସବୁ ବିଶେଷ ବ୍ୟବସ୍ଥା କରାଯାଇଛି, ତାହା ଆଲୋଚନା ହୋଇଥିଲା । ଏବେ ଯେହେତୁ ସମସ୍ତ ଶିକ୍ଷାନବିସ ପୋଲିସ ଅଧିକାରୀ ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ଟ୍ରେନିଂ ପ୍ରାପ୍ତ ହେବେ, ସେମାନଙ୍କୁ ତୃଣମୂଳ ସ୍ତରରୁ ପ୍ରତିଟି ବିଷୟକୁ ଭଲ ଭାବରେ ବୁଝି ତା'ର କ୍ରିୟାନ୍ୱୟନ ସମ୍ପର୍କରେ ଅଭିଜ୍ଞତା ପ୍ରାପ୍ତ କରିବାକୁ ଶ୍ରୀ ଧଳ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ ।

# ସନ୍ଧ୍ୟାରାଣୀ, ପ୍ରମିଳା, ବନ୍ଦିତା, କିଷାନଙ୍କ ସମେତ ୨ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ଚଳିତ ସାଧାରଣ ନିର୍ବାଚନ ନିମନ୍ତେ ବିଞ୍ଝାରପୁର ବିଧାନସଭା ସଂରକ୍ଷିତ ଆସନରୁ ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ନାମାଙ୍କନ ଦାଖଲ କରିଥିବା ବେଳେ କୋରେଇ ନିର୍ବାଚନ ମଣ୍ଡଳୀରୁ ଦିବଙ୍ଗତ ନେତା ଅଶୋକ ଦାସଙ୍କ ଧର୍ମପତ୍ନୀ ତଥା ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମା' ସନ୍ଧ୍ୟାରାଣୀ ଦାସ, ଧର୍ମଶାଳାରୁ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା ଓ କୋରେଇ ବିଧାନସଭା ଆସନ ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡ଼ା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି କୋରେଇ ନିର୍ବାଚନ ମଣ୍ଡଳୀରୁ ପ୍ରଜା ଏକତା ପାର୍ଟିର ପ୍ରାର୍ଥୀ ସରୋଜ କର, ସ୍ୱାଧୀନ ପ୍ରାର୍ଥୀ ମନୋଜ ପଣ୍ଡା ନାମାଙ୍କନ ଦାଖଲ କରିଥିଲେ । ବିଞ୍ଝାରପୁର ସଂରକ୍ଷିତ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଶ୍ରୀମତୀ ମଲ୍ଲିକ ଏକ ବିରାଟ ଶୋଭାଯାତ୍ରାରେ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲଙ୍କ ଇଜିଲାସରେ ନାମାଙ୍କନ ଦାଖଲ କରିଥିଲେ । ସେହିପରି ଦିବଙ୍ଗତ ନେତା ଅଶୋକ ଦାସଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ଦାସ ଏକ ବିରାଟ ପଟୁଆରରେ ଦଳୀୟ ଛାମୁଆ ନେତା, ମହିଳା କର୍ମକର୍ତ୍ତାଙ୍କ ଗହଣରେ ଉପଜିଲ୍ଲାପାଳଙ୍କ ଇଜିଲାସରେ ନାମାଙ୍କନ ଦାଖଲ କରିଥିଲେ । ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନାଙ୍କ ଇଜିଲାସରେ ନାମାଙ୍କନ ଦାଖଲ କରିଥିଲେ । ଅନ୍ୟ ପକ୍ଷରେ କୋରେଇ ନିର୍ବାଚନ ମଣ୍ଡଳୀର ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡ଼ା ଉପଜିଲ୍ଲାପାଳଙ୍କ ଇଜିଲାସରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । କୋରେଇ ନିର୍ବାଚନ ମଣ୍ଡଳୀରୁ ପ୍ରଜା ଏକତା ପାର୍ଟିରୁ ନିର୍ବାଚନ ଲଢୁଥିବା ସରୋଜ କର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ମନୋଜ ପଣ୍ଡା ଉପଜିଲ୍ଲାପାଳଙ୍କ ଇଜିଲାସରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ...

ହୋଇଥିଲା ସାରା ଅଞ୍ଚଳ । ମହର୍ଷି କଲେଜ ଛକରେ ବିଭିନ୍ନ ଦେଶର ଜାତୀୟ ପତାକା ସହ ମୋଦିଙ୍କୁ ବିଶ୍ୱଗୁରୁ ଦର୍ଶାଇ ନିର୍ମାଣ କରାଯାଇଥିଲା ଏକ ବଡ଼ ପ୍ରତିକୃତୀ । ହୋଟେଲ୍ ଲାଇଫ୍ ପାଖରେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଥିମ'ରେ ଏକ ମଞ୍ଚ ତିଆରି କରାଯାଇଥିଲା । ଯେଉଁଠି କଶ୍ମିରୀ ଗ୍ରୁପ୍ ପରିବେଷଣ କରିଥିଲା ଆକର୍ଷଣୀୟ ନୃତ୍ୟ ସଂଗୀତ । ବଲିଉଡ୍ କଣ୍ଠଶିଳ୍ପୀ ଅରିଜିତ ସିଂଙ୍କ ଦ୍ୱାରା ମଧ୍ୟ 'ଏ ୱତନ୍ ୱତନ୍ ମେରେ ଆବାଦ ରହେ ତୁ' ଗୀତ ପରିବେଷଣର କାର୍ଯ୍ୟକ୍ରମ ହୋଇଥିଲା । ଏହାବ୍ୟତୀତ ସମବାୟ ଭବନ ପାଖରେ ଅନ୍ତର୍ଜାତୀୟ ଯୋଗ ଦିବସ, ଇଡ଼କୋ ଟାୱାର ପାଖରେ ବନ୍ଦେ ଭାରତ ଏକ୍ସପ୍ରେସ ଫ୍ଲେକ୍ସ, ହର୍ ଘର୍ ଜଲ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଏବଂ ଜନଧନ ଯୋଜନାର କଟଆଉଟ୍, ରମାଦେବୀ ବିଶ୍ୱବିଦ୍ୟାଳୟ ପାଖରେ ଆଦିବାସୀ ମହିଳାଙ୍କ ଦ୍ୱାରା ପାରମ୍ପରିକ ଗୀତସଂଗୀତ ସହ ନୃତ୍ୟ ପ୍ରଦର୍ଶନ, ବାଣୀବିହାର ଛକରେ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । ରୋଡ ଶୋ' ପରେ ପ୍ରଧାନମନ୍ତ୍ରୀ ରାଜଭବନକୁ ଯାଇ ସେଠାରେ ରାତ୍ରୀ ଯାପନ କରିଛନ୍ତି । ଶନିବାର ପ୍ରଧାନମନ୍ତ୍ରୀ କନ୍ଧମାଳ, ବଲାଙ୍ଗୀର ଓ ବରଗଡ ଲୋକସଭା କ୍ଷେତ୍ରକୁ ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ଯଦି ...

ଆପଣଙ୍କ ଭୋଟ ନେଇଯିବେ, ତା'ପରେ ଖୋଜିଲେ ମିଳିବେନି । ସେମାନେ କେବେ ଆପଣମାନଙ୍କୁ ହିସାବ ଦେବେନାହିଁ । ପୂର୍ବ ନିର୍ବାଚନରେ ଦରଦାମ୍ କମିବ ବୋଲି ସେମାନେ କହିଥିଲେ । ଏଲ୍.ପି.ଜି, ପେଟ୍ରୋଲ, ଡିଜେଲ ଦାମ୍ କମିଲା କି ? ମୁଁ କିନ୍ତୁ ଆପଣମାନଙ୍କୁ ହିସାବ ଦେବି । ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବାପାଇଁ ସବୁବେଳେ ନିର୍ଦ୍ଦେଶ ଦେଇଥାନ୍ତି । ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ହୀରାକୁଦ ବିସ୍ଥାପିତମାନଙ୍କର ୫୦-୬୦ ବର୍ଷର ସମସ୍ୟା ଦୂର କରିଛନ୍ତି । ବ୍ରଜରାଜନଗରର ୧୮ଟି ଗାଁର ୨୧୦୦ ବିସ୍ଥାପିତଙ୍କୁ ପଟ୍ଟା ଦିଆଯାଇଛି । ବ୍ରଜରାଜନଗର ମା' ରାମଚଣ୍ଡୀ ମନ୍ଦିର ପାଇଁ ୪.୫୦ କୋଟି, କୋଇଲି ଘୁଗର ଇକୋ ଟୁରିଜିମ୍ ପାଇଁ ୩ କୋଟି, ଲଖନପୁର ଆଇ.ଟି.ଆଇ ପାଇଁ ୩୦ କୋଟି, ବ୍ରଜରାଜନଗରରେ ଅଡିଟୋରିୟମ ପାଇଁ ୧୦ କୋଟି, ଲଖନପୁରର ୧୬ଟି ପଞ୍ଚାୟତରେ ପାଇପ୍ ପାଣି ପାଇଁ ୧୨୪ କୋଟି, ହାଇସ୍କୁଲ ଓ କଲେଜ ରୁପାନ୍ତର ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି । କାଳିଆ ଯୋଜନାରେ ଏହି ନିର୍ବାଚନ ମଣ୍ଡଳୀର ୩୦,୬୦୦ ଚାଷୀ ଉପକାର ପାଉଛନ୍ତି । ବିଏସ୍‌କେୱାଇରେ ୬୦,୫୦୦ ଲୋକ ଉପକାର ପାଉଛନ୍ତି । ଝାରସୁଗୁଡ଼ାରେ ସ୍ୱର୍ଗତ ନବଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଲେ ଯେ ଝାରସୁଗୁଡ଼ାର ବିକାଶରେ ସ୍ୱର୍ଗତ ନବବାବୁଙ୍କର ବହୁତ ଅବଦାନ ରହିଛି । ତାଙ୍କ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ କ୍ୟାନସର ହସ୍‌ପିଟାଲ, ହାର୍ଟ କେୟାର ହସ୍‌ପିଟାଲ ହୋଇଛି । ଦୀପାଳି ଆପଣମାନଙ୍କ ଝିଅ, ନବବାବୁଙ୍କର ଝାରସୁଗୁଡ଼ା ପାଇଁ ଯେଉଁ ସ୍ୱପ୍ନ ଥିଲା ତାକୁ ସାକାର କରିବେ ଦୀପାଳି । ମୁଖ୍ୟମନ୍ତ୍ରୀ ଏସ୍.ଏଚ୍.ଜି ପାଇଁ ପେନସନ୍ ଓ ଗରିବ ଲୋକଙ୍କ ପାଇଁ ମାଗଣାରେ ବିଜୁଳି ଘୋଷଣା କରିଛନ୍ତି । ମା'ମାନେ ହେଉଛନ୍ତି ନବୀନବାବୁଙ୍କ ସେନାପତି । ଜଣେ ସାଧାରଣ ମହିଳାଙ୍କୁ ଏଠାରେ ଲୋକସଭା ପ୍ରାର୍ଥୀ କରିଛନ୍ତି । ଏହି ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡ଼ା ବିକାଶ ଯାତ୍ରାକୁ ଆହୁରି ମଜଭୁତ୍ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

## ବ୍ରିଜଭୂଷଣଙ୍କ ବିରୋଧରେ...

ରାଉଜ ଆଭିନ୍ୟୁ କୋର୍ଟରେ ପୁଲିସ୍ ଚାର୍ଜସିଟ ଦାଖଲ କରିଥିଲା । ଧାରା ୩୫୪, ୩୫୪-ଏ, ୩୫୪-ଡି ଓ ୫୦୬ ଦଫାରେ ପୁଲିସ ଚାର୍ଜସିଟ ଫାଇଲ କରିଥିଲା । କୁସ୍ତି ମହାସଂଘର ସଭାପତି ଥିବା ବେଳେ ବ୍ରିଜଭୂଷଣ ଦେଶର ଏକାଧିକ ଷ୍ଟାର ମହିଳା ରେସଲରଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା । ଏନେଇ ରେସଲରମାନେ ତାଙ୍କ ବିରୋଧରେ ବିକ୍ଷୋଭ ମଧ୍ୟ କରିଥିଲେ ।

## ଛତିଶଗଡ଼ରେ ପୁଣି ବଡ଼ଧରଣର...

ସୂଚନା ମିଳିଛି । ଘଟଣାସ୍ଥଳରୁ ବହୁ ଅତ୍ୟାଧୁନିକ ବନ୍ଧୁକ ଓ ମାରଣାସ୍ତ୍ର ଜବତ ହୋଇଛି । ଦୀର୍ଘ ୧୧ ଘଣ୍ଟା ଧରି ଏନକାଉଣ୍ଟର ଜାରି ରହିଥିଲା । ସୂଚନାଯୋଗ୍ୟ, ଗତମାସ ୧୬ ତାରିଖରେ ଛତିଶଗଡ଼ରେ ନିର୍ବାଚନ ଭଣ୍ଡୁର ପାଇଁ ଯୋଜନା କରିଥିବା ମାଓବାଦୀଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ ସୁରକ୍ଷା ବାହିନୀ । ଏନକାଉଣ୍ଟରରେ କାଙ୍କେର ଜିଲ୍ଲା ଛୋଟେବେଠିଆ ଥାନା ଅନ୍ତର୍ଗତ ହାପାଟୋଲା ଜଙ୍ଗଲରେ ୨୯ ମାଓବାଦୀ ପ୍ରାଣ ହରାଇଥିଲେ । ନିହତମାନଙ୍କ ମଧ୍ୟରେ ଥିଲା ଟପ୍ କମାଣ୍ଡର ଶଙ୍କର ରାଓ ।

## ଜୁନ୍ ୧ ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ...

ଜାମିନ ଉପରେ ରାୟ ସଂରକ୍ଷିତ ରଖିଥିଲେ । ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅରବିନ୍ଦ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନକୁ ବିରୋଧ କରି କୋର୍ଟରେ କହିଥିଲେ ଯେ ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେବା ରାଜନେତାଙ୍କ ପାଇଁ ଏକ ଅଲଗା ଶ୍ରେଣୀ ସୃଷ୍ଟି କରିବା ପରି ହେବ ।

## ୨୩ଟି ମାମଲାରୁ ୨୦ଟିରେ...

ସ୍ପେଶାଲ କ୍ରାଇମ ୟୁନିଟ୍ । ସେମାନଙ୍କ ନିକଟରୁ ସେମି ଅଟୋମେଟିକ ୫ଟି ବନ୍ଧୁକ ସହ ୨୪ ଗୁଳି ଜବତ କରାଯାଇଥିଲା । କାର୍‌କୁ ପିଛାକରି ୩ ଶହ କେଜି ଗଞ୍ଜେଇ ଧରି ଅପରାଧୀଙ୍କ ଛାତିରେ ଛନକା ପୁରାଇଦେଇଥିଲା ସ୍ପେଶାଲ କ୍ରାଇମ ୟୁନିଟ୍ । ଆଗକୁ ଏଭଳି କାର୍ଯ୍ୟ ବଳବତ୍ତର ରହିବ ବୋଲି କହିଛନ୍ତି ପୋଲିସ କମିଶନର ସଞ୍ଜୀବ ପଣ୍ଡା ।

## ସାଇବର ଅପରାଧ ରୋକିବାକୁ ...

ବିଭାଗ ଦ୍ୱାରା କରାଯାଇଥିବା ବିଶ୍ଲେଷଣରେ ବିଭାଗ ଜାଣିବାକୁ ପାଇଛି ଯେ ଏହି ୨୮,୨୦୦ ମୋବାଇଲ ହ୍ୟାଣ୍ଡସେଟ୍‌ରେ ୨୦ ଲକ୍ଷ ମୋବାଇଲ୍ ନମ୍ବର ବ୍ୟବହାର କରାଯାଇଛି । ଏଣୁ ଏହି ୨୦ ଲକ୍ଷ ମୋବାଇଲ ନମ୍ବରର ପୁନଃଯାଞ୍ଚ ବା ରିଭେରିଫିକେସନ କରିବାକୁ ନିଷ୍ପତ୍ତି ନିଆଯାଉଛି । ଯୋଗାଯୋଗ ମନ୍ତ୍ରଣାଳୟ କହିଛି ଯେ ବିଭାଗ ମୋବାଇଲ୍ ସେବା ପ୍ରଦାନକାରୀମାନଙ୍କୁ ସମଗ୍ର ଦେଶରେ ଏଭଳି ୨୮,୨୦୦ ମୋବାଇଲ୍ ହ୍ୟାଣ୍ଡସେଟକୁ ବ୍ଲକ୍ କରିବାକୁ ଏବଂ ମୋବାଇଲ୍ ହ୍ୟାଣ୍ଡସେଟ୍ ସହ ଲିଙ୍କ୍ ହୋଇଥିବା ଏହି ୨୦ ଲକ୍ଷ ମୋବାଇଲ୍ ନମ୍ବରର କାଗଜପତ୍ର ପୁନଃଯାଞ୍ଚ କରିବାକୁ କହିଛି ।

## ଓଡ଼ିଶା ମୋର କର୍ମଭୂମି...

ଆଇଏଏସ୍ ଚାକିରି ଛାଡ଼ି ରାଜନୀତିରେ ଯୋଗଦେବା ପରଠାରୁ ସେ ନିଜକୁ ଓଡ଼ିଶାର ବିକାଶ କାମରେ ଏବଂ ଜନସେବାରେ ସମର୍ପିତ କରିଛନ୍ତି । ବିରୋଧୀ ଦଳର ବିଶେଷ କରି ବିଜେପିର କିଛି ନେତା ତାଙ୍କୁ ଓଡ଼ିଶା ବାହାରର ଲୋକ ହିସାବରେ ଚିତ୍ରଣ କରିବା ସହ ବ୍ୟକ୍ତିଗତ, ଆକ୍ଷେପମୂଳକ ଓ ଅରୁଚିକର ମନ୍ତବ୍ୟ ଦେଇଚାଲିଛନ୍ତି । ହେଲେ ସେଥିପ୍ରତି ସେ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ କାରଣ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ସେ ଜନସେବାକୁ ସର୍ବଦା ଗୁରୁତ୍ୱ ଦେଇଛନ୍ତି । ସବ୍‌କଲେକ୍ଟର ଚାକିରିରେ ପ୍ରବେଶ ପରଠାରୁ ଏପର୍ଯ୍ୟନ୍ତ ସେ ଓଡ଼ିଶାରେ ରହି ରାଜ୍ୟକୁ ଏବଂ ଏଠାକାର ଲୋକମାନଙ୍କୁ ବେଶ୍ ଭଲଭାବେ ଜାଣିପାରିଛନ୍ତି । ଓଡ଼ିଶାର ବିକାଶ ପାଇଁ ଏଠାରେ ବିପୁଳ ସମ୍ଭାବନା ରହିଛି । ପ୍ରାକୃତିକ ତଥା ଖଣିଜ ସମ୍ପଦର ଯଥାର୍ଥ ଉପଯୋଗ ଜରିଆରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ସେ କହିଛନ୍ତି ଓଡ଼ିଶାର ଯୁବପିଢ଼ିକୁ ଦକ୍ଷତାସମ୍ପନ୍ନ କରିବା, ମହିଳା ସଶକ୍ତିକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅଧିକ ସଂଖ୍ୟାରେ ଲୋକଙ୍କୁ ସାମିଲ କରିବା, ଛାତ୍ରବୃତ୍ତି ଜରିଆରେ ମେଧାବୀଙ୍କୁ ପ୍ରୋତ୍ସାହନ ଦେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି, ଯାହାକୁ ଲୋକେ ପସନ୍ଦ କରିବା ସହ ଗ୍ରହଣ ମଧ୍ୟ କରିଛନ୍ତି । ନବୀନଙ୍କ ଶାସନ କାଳରେ ବିଭିନ୍ନ କ୍ଷେତ୍ରରେ ଯେଉଁ ବିକାଶମଳକୁ କାମ ହୋଇଛି ତା'ର ଟିକିନିଖି ହିସାବ ଲୋକଙ୍କୁ ଦିଆଯାଉଛି । ସେଥିପାଇଁ ଲୋକେ ନବୀନ ସରକାରଙ୍କୁ ଭଲପାଉଛନ୍ତି ଏବଂ ସମର୍ଥନ ଦେଇଚାଲିଛନ୍ତି ବୋଲି ସେ କହିଛନ୍ତି । ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ନେତାମାନେ ଓଡ଼ିଶାର ସମସ୍ତ ୨୧ ଲୋକସଭା ଆସନ ଜିତିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରୁଥିବା ସମ୍ପର୍କରେ ପ୍ରଶ୍ନ ହେବାରୁ ଶ୍ରୀ ପାଣ୍ଡିଆନ କହିଥିଲେ ବର୍ଷକ ତଳେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ହୋଇଥିଲ, ଯେଉଁଥିରେ ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲାରେ ଜିଲ୍ଲାପରିଷଦ ବିଜେଡି ବିଜୟ ଲାଭ କରିଥିଲା । ସେହି ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟ ହୋଇଥିଲା । ବିଜେପି ନେତାମାନେ ସବୁବେଳେ ବଡ଼ବଡ଼ କଥା କହିଥାନ୍ତି । ସେ କହିଥିଲେ, ମଣିଷ ଜୀବନକାଳ ଖୁବ୍ ସଂକ୍ଷିପ୍ତ । ତେବେ ଏହି ସଂକ୍ଷିପ୍ତ କାଳ ଭିତରେ ଲୋକଙ୍କ ପାଇଁ କିଛି ଭଲ କାମ କରିବା କଥା ଯାହା କଲେ ଲୋକମାନେ ସବୁଦିନ ମନେରଖିବେ । ଓଡ଼ିଶା ସହିତ ଦୀର୍ଘବର୍ଷ ହେଲାଣି ଭାବଗତ ସମ୍ପର୍କ ଯୋଡ଼ି ହୋଇଯାଇଛି । ଓଡ଼ିଶା ମୋର କର୍ମଭୂମି । ଏହାର ପାଣିପବନରେ ମୁଁ ଓ ମୋର ପରିବାର ବଢ଼ିଛନ୍ତି । ତେଣୁ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ପ୍ରତି ମୋର ବହୁତ ଭଲପାଇବା ରହିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସିନ୍ଦ୍ରିଗାଁ ପଞ୍ଚାୟତର ବୋରୀପଡା ଗ୍ରାମର ବାପୁଜୀ ବେହେରା (୨୩) ନାମକ ଜଣେ ଯୁବକ ବାରିପଟେ ଥିବା କୂଅରେ ଲାଗିଥିବା ଟୁଲୁ ମୋଟରକୁ ଚାଲୁ କରିବା ନିମନ୍ତେ ଯାଇଥିଲା । ସେଠାରେ କୌଣସି କାରଣ ବଶତଃ ଅଚେତ୍ ହୋଇ ପଡିଯାଇଥିଲା । ସଙ୍ଗେ ସଙ୍ଗେ ପରିବାର ଲୋକେ ସିନ୍ଦ୍ରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାଲିଗୁଡା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରି ବାଲିଗୁଡା ପୋଲିସ୍ କେଶ ନଂ. ୧୨/୨୪ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

# କୋର୍ଟରେ ହାଜର ହେଲେନି : ସମୟ ମାଗିଲେ ଅନୁଭବ ମହାନ୍ତି



**କଟକ, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ସାଂସଦ ତଥା ଅଭିନେତା ଶୁକ୍ରବାର କଟକ ଜେଏମଏଫସି ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇନାହାନ୍ତି । ବ୍ୟକ୍ତିଗତ କାରଣ ଦର୍ଶାଇ ଓକିଲଙ୍କ ଜରିଆରେ ସେ କୋର୍ଟଙ୍କୁ ସମୟ ମାଗିଥିବା ଜଣାଯାଇଛି । ତାଙ୍କ ଆବେଦନକୁ ବିଚାର କରି କୋର୍ଟ ସମୟ ଦେଇଛନ୍ତି । ତେଣୁ ଆସନ୍ତା ସୋମବାର ଅନୁଭବ ଓ ତାଙ୍କ ସହଯୋଗୀ କୋର୍ଟରେ ହାଜର ହେବେ ବୋଲି ସୂଚନା ରହିଛି । ବର୍ଷାଙ୍କ ଦ୍ୱାରା ଦାଏର ମାମଲାର ଉପରେ ଶୁକ୍ରବାର କୋର୍ଟ ଚାର୍ଜଫ୍ରେମ୍ କରିବାର ଥିଲା । ସୂଚନା ଥାଉକି, ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶିନୀ ନିର୍ଯାତନା ମାମଲା ରୁଜୁ କରିଥିଲାବେଳେ ଏହାକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରି ଅନୁଭବ ଏମପି ଏମେଲଏ ସ୍ୱତନ୍ତ୍ର ଅଦାଲତରେ କରିଥିଲେ ପ୍ରାର୍ଥନା । କିନ୍ତୁ ଏହାକୁ ବର୍ଷାଙ୍କ ପକ୍ଷରୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖୁଥିଲେ । କହିବାକୁ ଗଲେ ନିର୍ଯାତନା ଅଭିଯୋଗ ନେଇ ଅନୁଭବଙ୍କ ବିରୋଧରେ ବର୍ଷା ଏକ ମାମଲା ଦାଏର କରିଛନ୍ତି । ଏହି ମାମଲାକୁ ରଦ୍ଦ ପାଇଁ ଅନୁଭବ ଅଦାଲତରେ ପ୍ରାର୍ଥନା କରିଥିଲେ । ଏହା ଉପରେ ବର୍ଷାଙ୍କ ପକ୍ଷରୁ ଏପିପି ଅଫରାଜ୍ ଅହମ୍ମଦ ଜବାବ ରଖି ଦର୍ଶାଇଥିଲେ ଯେ, ଅନୁଭବ ନିର୍ଯାତନା ଦେଇଥିବା ନେଇ ଯଥେଷ୍ଟ ପ୍ରମାଣ ରହିଛି । ଅନୁଭବଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ମଧ୍ୟ ଯଥେଷ୍ଟ ତଥ୍ୟ ରହିଛି । ଅଦାଲତ ଏସବୁକୁ ଗ୍ରହଣ ଅନୁଭବଙ୍କ ବିରୋଧରେ ଏହି ମାମଲାରେ ଚାର୍ଜଫ୍ରେମ ପାଇଁ ମଧ୍ୟ ଯଥେଷ୍ଟ ତଥ୍ୟ ରହିଛି । ଅଦାଲତ ଏସବୁକୁ ଗ୍ରହଣ କରି ଅନୁଭବଙ୍କ ବିରୋଧରେ ଏହି ମାମଲାରେ ଚାର୍ଜଫ୍ରେମ ପାଇଁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ ।

# ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ବିଭିନ୍ନ ପର୍ଯ୍ୟବେକ୍ଷକଙ୍କ ସହିତ ଜିଲ୍ଲାପାଳଙ୍କ ବୈଠକ

**କେନ୍ଦୁଝର, ନ୍ୟୁଜ**

ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ସ୍ୱରୂପ ସାଧାରଣ, ପୋଲିସ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ ଠାରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ମିନହାଜ ଆଲାମ, ପୋଲିସ ପର୍ଯ୍ୟବେକ୍ଷକ ରୁପିନ୍ଦର ସିଂହ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାକେଶ ଦାସ, ରାଜ କମଲ ରଞ୍ଜନ, ଇନ୍ଦନ ଅଶୋକ ପ୍ରମୁଖ ଉପସ୍ଥିତ ଥିଲେ ଓ ଏଥି ସହିତ ଉକ୍ତ ବୈଠକରେ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି, ଆରକ୍ଷୀ ଅଧିକ୍ଷକ



ନୀତିନ କୁସଲକର, ଆଇଏସ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ସାଧାରଣ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଥିଲା ବେଳେ ପୋଲିସ ପର୍ଯ୍ୟବେକ୍ଷକ ସମସ୍ତ ନିୟମାବଳୀକୁ ମାନି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କରିଥିଲେ । ଏହି ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କିତ ଆଇନଗତ ବ୍ୟବସ୍ଥା, ନିର୍ଭୁଲ ଓ ଠିକ୍ ସମୟରେ ହିସାବ ଦାଖଲ ଏବଂ ଏହାକୁ ପାଳନ ନକରିବା ଫଳରେ ଉପୁଜୁଥିବା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଖର୍ଚ୍ଚ ବିବରଣୀ ଯାଞ୍ଚ, କ୍ଷେତ୍ର ପରିଦର୍ଶନ, ଭିଡିଓ ସର୍ଭେଲାନ୍ସ ସମେତ ବିଭିନ୍ନ ତଦାରଖ ବ୍ୟବସ୍ଥା ସମ୍ପର୍କରେ ପ୍ରତିନିଧିମାନଙ୍କୁ ଅବଗତ କରାଯାଇ ଥିଲା ।

ଏହି ବୈଠକରେ ଉପସ୍ଥିତ ରାଜନୈତିକ ଦଳମାନଙ୍କୁ ସକ୍ରିୟ ଭାବେ ଆଲୋଚନାରେ ସାମିଲ ହେବାକୁ ଏବଂ ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କ ମନରେ କୌଣସି ପ୍ରଶ୍ନ ଉଠାଇବାକୁ ପ୍ରୋତ୍ସାହିତ କରାଯାଇଥିଲା । ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପର୍ଯ୍ୟବେକ୍ଷକମାନେ ପ୍ରଦାନ କରିଥିଲେ । ଶେଷରେ କେନ୍ଦୁଝର ଜିଲ୍ଲାରେ ନିର୍ବାଚନ ପରିଚାଳନା ନିୟମ ଅନୁଯାୟୀ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀଙ୍କ ସହଯୋଗ କାମନା କରିଥିଲେ ।

# ବିଜେଡ଼ିରେ ଯୋଗଦେଲେ ଯାଜପୁରର କଂଗ୍ରେସ ନେତା ବଳରାମ ଦାସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର କାର୍ଯ୍ୟକାରୀ କଂଗ୍ରେସ ସଭାପତି ବଳରାମ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି କର୍ମୀ ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ଧଳଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବଳରାମ ଦାସଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ଧଳ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଯାଜପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଧଳ କହିଥିଲେ । ଏହି ମିଶ୍ରଣ ପର୍ବରେ ଭରତ ଚନ୍ଦ୍ର ବେହେରା, ତଥାଗତ ନାୟକ, ଦେବେନ୍ଦ୍ର ସ୍ୱାଇଁ, ରୀନା ସିଂ, ଗଜେନ୍ଦ୍ର କୁମାର ସେଠୀ, ଭରତ ଚନ୍ଦ୍ର ଜେନା, ମାନସ ରଞ୍ଜନ ଜେନା, ହୃଷିକେଶ ମହାନ୍ତି, ସୁଦାମ ଚରଣ ଜେନା, ଉତ୍କଳ ମହାପାତ୍ର, ଅଜୟ କୁମାର ସେଠୀ, ନନ୍ଦିନୀ ଦଳାଇ, କୁଳମଣି ରାଉତ, ହରିହର ସାମଲ, ସୁଜିତ ସାମଲ, ଅରବିନ୍ଦ ସୁତାର, ହୃଷିକେଶ ମହାନ୍ତି, ସୁବ୍ରତ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗଦେଲେ ବିଜେଡି ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ରେଙ୍ଗାଲି ସ୍ଥିତ ଢୋରୋପାଣି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାଷୀଭାଇଙ୍କ ତରଫରୁ ଆୟୋଜିତ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ସାମିଲ ହେଲେ ସମ୍ବଲପୁର ବିଜେଡି ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ । ଚାଷଜମିରେ ପୂଜାର୍ଚ୍ଚନା କରି ଅକ୍ଷିମୁଠି ଦେବା ସହିତ ଚାଷୀଭାଇଙ୍କ କ୍ଷେତ ଶସ୍ୟ ଶ୍ୟାମଳା ହୋଇ ପୁରିଉଠୁ ବୋଲି କାମନା କରିଥିଲେ । ଚାଷୀଙ୍କ ଜମିରେ ପୂଜାର୍ଚ୍ଚନା କରି ଲଙ୍ଗଳ ଧରି ଧାନ ବୁଣିଥିଲେ । ପ୍ରଭୁ ଜଗନ୍ନାଥ, ମା ସମଲେଶ୍ୱରୀ ଙ୍କ ଆର୍ଶୀବାଦରୁ ଏବର୍ଷ ଭଲ ବର୍ଷା ହେଉ । ଚାଷୀଙ୍କ ଉନ୍ନତି ହେଉ ବୋଲି ମଙ୍ଗଳକାମନା କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ ଚାଷୀ ଭାଇଟିଏ ସାରା ଦୁନିଆକୁ ଆହାର ଯୋଗାଉଛି । ତେଣୁକରି ଚାଷୀ ଭାଇଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଦା ତତ୍ପର ରହିଛନ୍ତି ବୋଲି କହିଥିଲେ । ସମ୍ବଲପୁର ସଂସଦୀୟ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ଚାଷୀଙ୍କ ଉନ୍ନତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କୁ ଏଠାକୁ ପଠାଇଛନ୍ତି । ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଜଳସେଚନ ପ୍ରକଳ୍ପ କରିଛନ୍ତି । ମହାନଦୀ ଉପରମୁଣ୍ଡରେ ଛତିଶଗଡରେ ଦାଦାଗିରି ସତ୍ତ୍ୱେ ଆବଶ୍ୟକ ପାଣି ଯୋଗାଉଛନ୍ତି । କଳିଆ ଯୋଜନାରେ ରାଜ୍ୟର ଅନେକ ଚାଷୀ ଉପକୃତ ହେଉଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀ ତାଙ୍କର ନିର୍ବାଚନୀ ଘୋଷଣା ପତ୍ରରେ କୃଷି ଉଦ୍ଦେଶ୍ୟରେ ମାଗଣା ବିଦ୍ୟୁତ ପ୍ରଦାନ କରିବାକୁ ଉଲ୍ଲେଖ କରିଛନ୍ତି । ଆଗାମୀ ଦିନରେ ଚାଷୀଙ୍କ ପାଇଁ ଆହୁରି ଉନ୍ନୟନମୂଳକ ଯୋଜନା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ଯାହା ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସହିତ ସେମାନଙ୍କର ଆର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବ ବୋଲି କୁହାଯାଉଛି ।

ଭୁବନେଶ୍ୱର
୧୧ ମଇ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24






ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଭୁବନେଶ୍ୱର ଜନପଥରେ ବିଜେପି କର୍ମୀଙ୍କ ସମାଗମ : (ଫଟୋ : ସମ୍ବାଦ କଳିକା)

# ଷ୍ଟକ୍ ବଜାରରେ ଫେରିଲା ଉତ୍ସାହ : ସେନସେକ୍ସ ୨୬୦ ପଏଣ୍ଟ ବୃଦ୍ଧି




**ନୂଆଦିଲ୍ଲୀ, ୧୦/୫**

ଲଗାତାର ୩ ଦିନ ଧରି ହ୍ରାସ ପରେ ଶେଷରେ ଷ୍ଟକ୍ ବଜାରରେ ଉତ୍ସାହ ଫେରିଛି । ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର (ମେ ୧୦) ଭାରତୀୟ ଷ୍ଟକ୍ ବଜାରରେ ବୃଦ୍ଧି ଦେଖିବାକୁ ମିଳିଥିଲା। କାରବାର ଶେଷ ସୁଦ୍ଧା ୩୦ ସେୟାର ବିଶିଷ୍ଟ ବିଏସଇ ସେନସେକ୍ସ ୨୬୦.୩୦ ପଏଣ୍ଟ ବା ୦.୩୬ ପ୍ରତିଶତ ବୃଦ୍ଧି ପାଇ ୭୨,୬୬୪.୪୭ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ୫୦ ସେୟାର ବିଶିଷ୍ଟ ଏନଏସଇ ନିଫ୍ଟି ୯୭.୭୦ ପଏଣ୍ଟ ବା ୦.୪୪ ପ୍ରତିଶତ ବୃଦ୍ଧି ପାଇ ୨୨,୦୫୫.୨୦ରେ ବନ୍ଦ ହୋଇଛି।

ମେ' ୯ରେ ବିଏସ୍ଇ ସେନସେକ୍ସ ୧,୦୬୨.୨୨ ପଏଣ୍ଟ ବା ୧.୪୫% ହ୍ରାସ ପାଇ ୭୨,୪୦୪. ୧୭ରେ ବନ୍ଦ ହୋଇଥିଲା। ସେହିପରି ଏନଏସଇ ନିଫ୍ଟି ମଧ୍ୟ ୩୪୫ ପଏଣ୍ଟ ବା ୧.୫୫ ପ୍ରତିଶତ ହ୍ରାସ ପାଇ ୨୧,୯୫୭.୫୦ ପଏଣ୍ଟରେ ବନ୍ଦ ହୋଇଛି। ଏହା ଦ୍ୱାରା ନିବେଶକ ମାନେ ପ୍ରାୟ ୭ ଲକ୍ଷ କୋଟିର କ୍ଷତି ସହିଥିଲେ। ଚଳିତ ନିର୍ବାଚନରେ ଏନଡିଏର ବିପୁଳ ବିଜୟକୁ ନେଇ ବଜାର ନିଶ୍ଚିତ ଥିଲେ ବି ମତଦାନ ହାର ହ୍ରାସ ପାଇବା ନିବେଶକଙ୍କୁ କିଛିଟା ଆଶଙ୍କିତ କରିଛି। ଏହି କାରଣରୁ ବଜାରରେ ଲଗାତାର ଅସ୍ଥିରତା ଦେଖାଦେଉଛି ।

# ଓଡ଼ିଆ ଭାଷାର ବିକାଶ ପାଇଁ ୧୦୦ କୋଟି ଟଙ୍କା ବ୍ୟୟ ହେବ: ବିଜେଡି

**ଭୁବନେଶ୍ୱର, ୧୦/୫**
**ନ୍ୟୁଜ ବ୍ୟୁରୋ**



ଗୁରୁବାର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇବା ପରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ବିଜେଡିର ଏହି ଇସ୍ତାହାର ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନୋଟି ଅର୍ଥନୈତିକ ବିକଶିତ ରାଜ୍ୟରେ ପରିଣତ କରିବ। ଖଣିଜ ଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତା ଇତ୍ୟାଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ। ଏଥି ସହିତ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ଆହୁରି ଆଗକୁ ନେବାକୁ ପ୍ରାଧାନ୍ୟ ଦିଆଯିବ। ଯାହାକୁ ନେଇ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସ୍ୱୟଂ ପ୍ରକାଶ ମହାପାତ୍ର କହିଛନ୍ତି ଆଗାମୀ ୫ ବର୍ଷ ଭିତରେ ଓଡ଼ିଶାର କଳା, ସଂସ୍କୃତି, ଭାଷା ଓ ପରମ୍ପରା ନୂଆ ଉତ୍କର୍ଷ ଛୁଇଁବ। ଓଡ଼ିଶାର ଐତିହ୍ୟ ଆହୁରି ସମୃଦ୍ଧ ହେବ। ଓଡ଼ିଶାର ଯୁବତୀମାନେ ନିଜର ସଂସ୍କୃତି, ଐତିହ୍ୟ ଏବଂ ଭାଷାରେ ଗର୍ବ ଅନୁଭବ କରିବେ ଏବଂ ଆତ୍ମବିଶ୍ୱାସ ସହିତ ଭବିଷ୍ୟତକୁ ଆଗକୁ ବଢ଼ିବା ପାଇଁ ସକ୍ଷମ ହେବେ। ଏଥିପାଇଁ ବିଜେଡି ଘୋଷଣାପତ୍ରରେ ଦିଆଯାଇଛି ନିର୍ଭର ପ୍ରତିଶ୍ରୁତି। ଓଡ଼ିଶାର ଉପାସନା ସ୍ଥାନ, ଐତିହ୍ୟ ସ୍ଥଳ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ସହିତ ଜଡ଼ିତ ସ୍ଥାନ ଗୁଡ଼ିକ ସଂରକ୍ଷଣ କରିବା ପାଇଁ ଏକ ହେରିଟେଜ୍ ବିକାଶ ପାଣ୍ଠି ଭାବେ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର କର୍ପସ୍ ପାଣ୍ଠି ଗଠନ କରାଯିବ। ସେହିପରି ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ୧୦୦ କୋଟି ଟଙ୍କା ବ୍ୟୟ ହେବ। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଠାରୁ ଶାସ୍ତ୍ରୀୟ ଭାଷା ଭାବରେ ଓଡ଼ିଆର ପ୍ରଚାର, ପ୍ରସାର ଓ ଗବେଷଣା ପାଇଁ ଟଙ୍କାଟିଏ ବି ମିଳି ନାହିଁ। ଆମେ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବୁ ଯେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପ୍ରଦାନ କରାଯାଉ। ହୋ, ମୁଣ୍ଡାରୀ, ଭୂମିଜଙ୍କୁ ସମ୍ବିଧାନର ୮ମ କାର୍ଯ୍ୟସୂଚୀରେ ସ୍ଥାନ ଦେବା ପାଇଁ କେନ୍ଦ୍ର ଆଗରେ ଦାବି ଉପସ୍ଥାପନ କରିବ ବିଜେଡି ସରକାର। ଅନୁରୂପ ଭାବରେ ପଶ୍ଚିମ ଓଡ଼ିଶା ଭାଷାର ବିକାଶ ତଥା ଗବେଷଣା, ଅଧ୍ୟୟନ ଏବଂ ଅନୁସନ୍ଧାନ ପାଇଁ ୨୫ କୋଟି ଟଙ୍କାର କର୍ପସ୍ ଫଣ୍ଡ ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ଓଡ଼ିଶାର ପ୍ରସିଦ୍ଧ ବ୍ୟକ୍ତିତ୍ୱ ସହିତ ସଂଯୁକ୍ତ ଶହେଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଭାବରେ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ। ଏଥି ସହିତ ଦେଶରେ ଯେପରି ପଦ୍ମଶ୍ରୀ, ପଦ୍ମ ଭୂଷଣ ପୁରସ୍କାର ପ୍ରଦାନ କରାଯାଇଛି, ସେହିପରି ରାଜ୍ୟରେ ପ୍ରତିବର୍ଷ କଳିଙ୍ଗଶ୍ରୀ ଏବଂ କଳିଙ୍ଗ ଭୂଷଣ ପୁରସ୍କାର ପ୍ରଦାନ କରାଯିବ। ସମଗ୍ର ରାଜ୍ୟରେ ଭାଗବତ ଟୁଙ୍ଗିର ସଂରକ୍ଷଣ ପାଇଁ ଅର୍ଥ ଯୋଗାଇ ଦିଆଯିବ। ଏହା ଆମ ଯୁବକମାନଙ୍କୁ ସେମାନଙ୍କର ସଂସ୍କୃତି, ଐତିହ୍ୟ ଏବଂ ଭାଷାରେ ଗର୍ବ ଅନୁଭବ କରିବାକୁ ସଶକ୍ତ କରିବ ଏବଂ ଆତ୍ମବିଶ୍ୱାସ ସହିତ ଭବିଷ୍ୟତକୁ ଆଗକୁ ବଢ଼ାଇବାକୁ ସକ୍ଷମ କରିବ।

# ୧୦ ଜଣିଆ ବଚ୍ଚା ଡକାୟତି ଗ୍ୟାଙ୍ଗ ଗିରଫ

**ବୌଦ୍ଧ, ୧୦/୫ ନ୍ୟୁଜ ବ୍ୟୁରୋ**

ଆଦର୍ଶ ଥାନା ପୋଲିସକୁ ସଫଳତା । ଯାତ୍ରୀବାହୀ ବସ୍‌ଗୁଡ଼ିକରୁ ଡକାୟତି ଘଟଣା ନେଇ ପୋଲିସର ଚିନ୍ତା ବୃଦ୍ଧି ପାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି ନାବାଳକ ଡକାୟତ ଗ୍ୟାଙ୍ଗ। ବୌଦ୍ଧ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ପ୍ରଥମ ଥର ପାଇଁ ନାବାଳକମାନେ ଏଭଳି ଅପରାଧରେ ସଂପୃକ୍ତ ଥିବା ଅଭିଯୋଗରେ ଶୁକ୍ରବାର ଏହି ଗ୍ୟାଙ୍ଗର ୧୦ଜଣଙ୍କୁ ବୌଦ୍ଧ ଆଦର୍ଶ ଥାନା ପୋଲିସ ଗିରଫ କରିଛି। ପୋଲିସ ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଜିଲ୍ଲାରେ ପ୍ରଥମ ଥର ପାଇଁ ଏକ ନାବାଳକ ଡକାୟତ ଗ୍ୟାଙ୍ଗ ପୋଲିସ ହାତରେ ଧରାପଡିଛି। ବୌଦ୍ଧ ଜିଲ୍ଲାର ନୂଆପଡ଼ା ଅଞ୍ଚଳରେ ଗତ କିଛି ଦିନ ହେଲା ବିଭିନ୍ନ ଯାତ୍ରୀବାହୀ ବସ୍‌ରେ ଡକାୟତି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ପୋଲିସ ତଦନ୍ତ ଚଳାଇ ଦଶ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରିଛି। ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅପରାଧିକ ମାମଲା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଗତ କିଛି ଦିନ ହେଲା ନୂଆପଡ଼ାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରାୟ ୧୨ରୁ କୋଡ଼ିଏ ବର୍ଷର ବାଳକମାନେ ଠେଙ୍ଗା ବାଡ଼ି, ଖଣ୍ଡା, ଭୁଜାଲି ଭଳି ବିଭିନ୍ନ ମାରଣାସ୍ତ୍ର ଧରି ୫୭ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ଯାତ୍ରୀବାହୀ ବସ୍‌କୁ ଅତର୍କିତ ଆକ୍ରମଣ କରି ଡ୍ରାଇଭର ଠାରୁ ଲୁଟ୍‌ପାଟ୍ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ବୌଦ୍ଧ ଆଦର୍ଶ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳରେ ଘନ ଘନ ଚଢ଼ଉ ଜାରି ରଖିଥିଲା। ତେବେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇପାରିଛି ବୌଦ୍ଧ ପୋଲିସ। ଗିରଫ ହୋଇଥିବା ୧୦ ଜଣଙ୍କ ମଧ୍ୟରୁ ୭ ଜଣ ନାବାଳକ ଥିବାବେଳେ ୩ ଜଣ ସାବାଳକ ଥିବା ଜଣାପଡ଼ିଛି। ଏହି କିଶୋର ଅପରାଧୀଙ୍କ ପଛରେ ସ୍ଥାନୀୟ କିଛି ଲୋକଙ୍କ ହାତ ଥିବା ଚର୍ଚ୍ଚା ହେଉଛି । କିଶୋର ଅପରାଧୀଙ୍କ ମଧ୍ୟରୁ ସାତ ଜଣ ନାବାଳକଙ୍କୁ କିଶୋର ନ୍ୟାୟାଳୟକୁ ପୋଲିସ ପଠାଇଥିବା ସୂଚନା ମିଳିଛି। ବୌଦ୍ଧ ଜିଲ୍ଲାରେ ନାବାଳକ ଗ୍ୟାଙ୍ଗର କାରନାମା ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିବା ବେଳେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

# ବିଜେଡ଼ିର ମିଶ୍ରଣ ପ୍ରର୍ବ : ଯୋଗଦେଲେ କଂଗ୍ରେସର ବହୁ ନେତା ଓ କର୍ମୀ



**ଭୁବନେଶ୍ୱର, ୧୦/୫ ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେଇକେଲା ବ୍ଲକ ଅଧକ୍ଷା ତଥା କଂଗ୍ରେସ ନେତ୍ରୀ ପୂଜା ବେହେରାଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କଂଗ୍ରେସ କର୍ମୀ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ପୂଜା ବେହେରା ଓ ଶତାଧିକ କଂଗ୍ରେସ କର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ତୁରେଇକେଲା ବ୍ଲକ ଅଧକ୍ଷା ପୂଜା ବେହେରା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, କଣ୍ଟାବାଞ୍ଜିର ବିକାଶ ଅଧିକ ତ୍ୱରାନ୍ୱିତ ହେବ । ମୁଖ୍ୟମବୀ ନିର୍ବାଚନ ଲଢୁଥିବାରୁ ଆମେ ବହୁତ ଖୁସି । ମୁଖ୍ୟମବୀଙ୍କୁ ଲକ୍ଷାଧିକ ଭୋଟରେ ଜିତାଇବୁ। ମାନ୍ୟବର ମୁଖ୍ୟମବୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଗିରିରାଜ ସିଂ ମାଝୀ, ପ୍ରମୋଦ କୁମାର ମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ମାଝୀ, ପିତ ସମ୍ରାଟ, ପଦ୍ମ ଭୋଇ, ମୋତିରାମ ଭୋଇ, ଶୁଭକେଷି ଜାନି, କୋବିତା ପୁଟେଲ, ମୋତିଲାଲ ମହାନନ୍ଦ, ସୁଶିଳା ଭୋଇ, ଦେବରାଜ ପୁଟେଲ, ଦୁଲାଧର ବାଗ, ଗୋଜା କୁମ୍ଭାର, ରୀତା ଭତ୍ରା, ଆରତୀ ସୁନା, ଛାୟାବତୀ ମେହେରା, ଜ୍ଞାନରଞ୍ଜନ ତାଣ୍ଡି, ବିନୋଦିନୀ ନାଗ, ଲବଣୀ ଭୋଇ, ନିଲାବତୀ ଧାରୁଆ, ରଶ୍ମିତା ଦାସ, ବିଲାସ ପୁଟେଲ, କାର୍ତ୍ତିକ ପୁଟେଲ, ସୁଦାମ ବେହେରା, ଦେବରା ମେହେର, କିଶୋର ଚନ୍ଦ୍ର ବେହେରା, ନରେନ୍ଦ୍ର ମେହେର, ମୁକେଶ ମେହେର, ଭରତ ଚନ୍ଦ୍ର ପ୍ରଧାନ, ସଞ୍ଜୟ କୁଅଁର, ଚକ୍ରଧର ମାଝୀ, ଅନୁ ଭୋଇ, ମନୋହର ଜାନି, ବିପିନ ଭୋଇ, ଛବିଳ ଭୋଇ, ପ୍ରକାଶ ଭୋଇ, କୈବଲ୍ୟ ଭୋଇ, ନନ୍ଦ ବେହେରା, ନେପାଳ ପୋଢ, ହରି ସିଂ ପୋଢ, ହରେକୃଷ୍ଣ ଶଗରିଆ, ବିଦେଶୀ ବେହେରା, ଉପା ବାଗ, ଭଜମନ ବେହେରାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଂଗ୍ରେସ ଛାଡି ବିଜେଡିରେ ମିଶିଲେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷ ରଞ୍ଜୁବାଳା ବେହେରାଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ତରଫରୁ ଦଳକୁ ସ୍ୱାଗତ କରିଥିଲେ ସାଂସଦ ସସ୍ମିତ ପାତ୍ର। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ୨୦୨୪ରେ ରେକର୍ଡ ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ଜୟଯୁକ୍ତ ହେବେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଫଳରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିକାଶ ହେବ ବୋଲି କହିଥିଲେ କର୍ମୀ।

# ଟ୍ରଲର ଧକ୍କାରେ ମାଛ ବେପାରୀଙ୍କ ମୃତ୍ୟୁ

**ବେତନଟୀ, ୧୦/୫ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଆଗ୍ରିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଚାଳକ ବେତନଟୀ ଅଞ୍ଚଳର ମାଛ ବେପାରୀଙ୍କର ମୃତ୍ୟୁ ଘଟିଛି। ମୃତକଜଣକ ହେଲେ ବେତନଟୀ ଥାନା ଅଧୀନ ଆଗଡ଼ା ଗ୍ରାମର ସ୍ୱର୍ଗତଃ ହାଡ଼ିବନ୍ଧୁ ଦାସଙ୍କ ୪୫ ବର୍ଷୀୟ ପୁଅ ପରମେଶ୍ୱର ଦାସ। ସୂଚନା ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନରେ ପରମେଶ୍ୱର ବାଲେଶ୍ୱର ଜିଲ୍ଲା ବଳରାମଗଡି ମୁହାଣରୁ ମାଛ ନେଇ ଏକ ବାଇକ୍‌ରେ ବେତନଟୀ ଅଭିମୁଖେ ଆସୁଥିବାବେଳେ ଆଗ୍ରିଆ ଛକ ଅତିକ୍ରମ କଲା ପରେ ବଡ଼ପୋଲ ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପରମେଶ୍ୱର ରକ୍ତ ଜୁଡୁବୁଡୁ ହୋଇ ପଡିଥିବାବେଳେ ବକେଟରେ ଥିବା ମାଛ ସବୁ ରାସ୍ତା ସାରା ଛିନଭିନ ହୋଇ ପଡିଥିଲା। ସ୍ଥାନୀୟ ଲୋକ ପରମେଶ୍ୱରଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ପହଞ୍ଚିଲା ପରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ ଟ୍ରଲରକୁ ଜବତ ପୂର୍ବକ ଶବ ବ୍ୟବଚ୍ଛେଦ କରାଇଛି। ପରେ ମୃତ ପରମେଶ୍ୱରଙ୍କ ଭାଇଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ଥାନାରେ ୧୬୦ନଂରେ ଏକ ମାମଲା ରୁଜୁ ପୂର୍ବକ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ।

ଏବେ ବଜାରରେ ଉପଲବ୍ଧ...

'କଥାକଳିକା'ର ମେ' ମାସ ସଂଖ୍ୟା, ୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା–୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)

## ଅବକାରୀ ବିଭାଗ ଓ ଫ୍ଲାଇଙ୍ଗ ସ୍କ୍ୱାର୍ଡକୁ ସଫଳତା

# ବିପୁଳ ପରିମାଣର ବିଅର ଜବତ : ଜଣେ ଗିରଫ



**କଟକ, ୧୦/୦୫ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ଅବକାରୀ ବିଭାଗକୁ ସଫଳତା। ଅବକାରୀ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ ସାଲେପୁର ଓ ନିଶ୍ଚିନ୍ତ କୋଇଲି ଅଞ୍ଚଳର ଏରକଣା ବଜାରଠାରେ ଏକ ଘର ଉପରେ ଚଢ଼ଉ କରାଯାଇ ବିପୁଳ ପରିମାଣର ବିଅର ଜବତ ହୋଇଛି । ଘଟଣାରେ ନରସିଂହ ରାଓ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ବିଭାଗ। ତେବେ ଏହି ବିଅର ଗୋଦାମରୁ ଆସି ସଫିଂ କମ୍ପ୍ଲେକ୍ସ ଘରକୁ ଆସିଥିବା ସୂଚନା ମିଳିଛି। ଏକ ସାମ୍ବାଦିକ ସମ୍ମିଳନୀ ଯୋଗେ ଗୁରୁବାର ଜିଲ୍ଲା ଅବକାରୀ ସୁପରିଟେଡେଣ୍ଟ ଦେବାଶିଷ ପଟେଲ ଏହାର ବିସ୍ତୃତ ସୂଚନା ଦେଇଛନ୍ତି। କଟକ ଜିଲ୍ଲା ଅବକାରୀ ସୁପରିଟେଡ଼େଣ୍ଟଙ୍କ ସୂଚନା ଅନୁଯାୟୀ, ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଖବର ପାଇଲେ ଯେ, ସାଲେପୁର ଓ ନିଶ୍ଚିନ୍ତକୋଇଲି ଏରକଣା ବଜାରର ଏକ ଘରେ ବିପୁଳ ପରିମାଣର ମଦ ରହିଛି। ଖବର ପାଇ ସେମାନେ ଏରକଣା ବଜାରକୁ ଯାଇଥିଲେ। ଏରକଣା ବଜାରରେ ଥିବା ସଫିଂ କମ୍ପ୍ଲେକ୍ସ ଘରୁ ୧୦୪ ପେଟି ବିଅର ଜବତ କରିଛନ୍ତି। ତେବେ ଏହା ଡ୍ୟୁଟି ପେଡ଼ ବିୟର ହୋଇଥିବା ବେଳେ ଏହା ଏକ ଗୋଦାମରୁ ଆସିଥିବା ଜଣାପଡ଼ିଛି। ଏବେ ଏହି ଘଟଣାରେ ଅବକାରୀ ବିଭାଗ ଅଧିକ ତଦନ୍ତ କରିଛି। ତେବେ ଏହି ବିଅର କେଉଁଠାରୁ ଆସିଲା ଏବଂ ଏହା କେଉଁଠାକୁ ଯାଇଥାନ୍ତା ତା'ର ସୂଚନା ତଦନ୍ତ ପରେ ମିଳିପାରିବ । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ନରସିଂହ ରାଓ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଅବକାରୀ ସୁପରିଟେଡ଼େଣ୍ଟ କହିଛନ୍ତି। ଅନ୍ୟପଟେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ କାରବାରକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଏ ପର୍ଯ୍ୟନ୍ତ ଜିଲ୍ଲାରେ ୪୭୭ଟି ଅବକାରୀ ମାମଲା ଦାୟର ହୋଇଛି । ଏହି ଘଟଣାରେ ୪୩୦ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ ମଧ୍ୟ କରାଯାଇଛି। ସେହିପରି ଅନେକ ଅଭିଯୁକ୍ତ ଫେରାର ରହିଛନ୍ତି। ପୂର୍ବରୁ କରାଯାଇଥିବା ଚଢ଼ଉରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦେଶୀ ମଦ, ପୋଚ, ଗଞ୍ଜେଇ ଓ ବ୍ରାଉନସୁଗାର ଜବତ କରାଯାଇଛି। ତା' ଛଡ଼ା ଏପର୍ଯ୍ୟନ୍ତ ୩୦ଟି ଦୁଇ ଚକିଆ ଏବଂ ୫ଟି ଚାରିଚକିଆ ଯାନ ଜବତ କରାଯାଇଛି। ଜବତ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ତିନି କୋଟି ହେବ ବୋଲି ଦେବାଶିଷ ପଟେଲ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଅବକାରୀ ଟିମ୍ ନିର୍ବାଚନ ଫ୍ଲାଇଂ ସ୍କ୍ୱାର୍ଡ ପକ୍ଷରୁ ଅଧିକରୁ ଅଧିକ ନଜର ରଖାଯିବ।

# ଏପିଏସ୍‌ଇଜେଡ୍‌ର ଆର୍ଥିକ ଫଳାଫଳ

**ଭୁବନେଶ୍ୱର,୧୦।୫ ନ୍ୟୁଜ ବ୍ୟୁରୋ**

ଆଦାନୀ ପୋଟର୍ସ ଆଣ୍ଡ ସ୍ପେଶିଆଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ୨୦୨୩-୨୪ ଆର୍ଥିକ ବର୍ଷ (୨୦୨୪ ମାର୍ଚ୍ଚ ୩୧ସୁଦ୍ଧା ଶେଷ ଆର୍ଥିକ ବର୍ଷ) ଓ ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଥିଲା। ଏହି ସମୟ ମଧ୍ୟରେ କମ୍ପାନୀର ପଣ୍ୟ ପରିବହନ ୩ ଗୁଣା ବୃଦ୍ଧି ପାଇଥିବା ବେଳେ ବାର୍ଷିକ ଅଭିବୃଦ୍ଧି ୨୪% ସହ ୪୨୦ ନିୟୁତ ଟନ୍ ପଣ୍ୟ ପରିବହନ କରିଛି। କମ୍ପାନୀର ରାଜସ୍ୱ ୨୮% ବୃଦ୍ଧି ପାଇ ୨୬,୭୧୧ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଡିଟିଏ ୪୪% ବୃଦ୍ଧି ପାଇ ୧୫,୭୫୧ କୋଟି ଟଙ୍କା ହୋଇଛି। ସେହିଭଳି କମ୍ପାନୀର ଟିକସ ପୂର୍ବବର୍ତ୍ତୀ ଲାଭ ୫୦%ବୃଦ୍ଧି ପାଇ ୮୧୦୪ କୋଟି ଟଙ୍କା ହୋଇଥିବାବେଳେ ଇବିଆଇଟିଡିଏକୁ ନିଟ୍ ଋଣ ୨.୩ ଗୁଣା ରହିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ୧୦୮.୭ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ବେଳେ ଏହାର ରାଜସ୍ୱ ପରିମାଣ ୬୮୯୭ କୋଟି ଟଙ୍କା, ଇବିଆଇଡିଟିଏ ୪୦୨୯ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ୨୦୧୫ କୋଟି ଟଙ୍କା ହୋଇଛି।





# ବିବାହ ପରେ ମଧ୍ୟ ମହିଳାଙ୍କୁ ମୂଳ ଜାତିରୁ ବଞ୍ଚିତ କରାଯାଇପାରିବ ନାହିଁ : ହାଇକୋର୍ଟ

**କଟକ, ୧୦/୦୫ ନ୍ୟୁଜ ବ୍ୟୁରୋ**

ଜନୈକା ମହିଳା ଜନ୍ମରୁ ଅନୁସୂଚିତ ଜନଜାତି (ଏସ୍‌ଟି)ର ବର୍ଗଭୁକ୍ତ ଥିଲା ବେଳେ ସେ ଜଣେ ଅଣ-ଏସ୍‌ଟି ବର୍ଗର ବ୍ୟକ୍ତିଙ୍କୁ ବିବାହ କରିବା ପରେ ମଧ୍ୟ ତାଙ୍କର ମୂଳ ଜାତି ପରିବର୍ତ୍ତନ ହୋଇପାରିବ ନାହିଁ । ଅଣ-ଏସ୍‌ଟି ପୁରୁଷଙ୍କୁ ବିବାହ କରିଥିବାରୁ ସଂପୃକ୍ତ ମହିଳାଙ୍କୁ ଏସ୍‌ଟି ବର୍ଗରୁ ବାଦ ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଜଣକିଆ ବିଚାରପତି ପ୍ରଦାନ କରିଥିବା ଏପରି ରାୟକୁ କାଏମ୍ ରଖିଛନ୍ତି ଦୁଇ ଜଣିଆ ଖଣ୍ଡପୀଠ। ଏଥିସହ ଜଣକିଆ ବିଚାରପତିଙ୍କ ୨୦୦୦, ଅକ୍ଟୋବର ୧୮ର ରାୟ ବିରୋଧରେ ଦାୟର ଅପିଲକୁ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଛନ୍ତି। ମାମଲାରୁ ପ୍ରକାଶ ଯେ କୋରାପୁଟର ସିମିଳି ଗୁଡ଼ାରେ ଏକ ଅନୁସୂଚିତ ଜନଜାତି ବର୍ଗର ଜମି ବିକ୍ରିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ମୂଳ ଜମି ମାଲିକ ଏସ୍‌ଟି ବର୍ଗର ହୋଇଥିବା ବେଳେ ସେ ୧୯୬୪, ମାର୍ଚ୍ଚ ୧୯ର ପଞ୍ଜୀକୃତ ବିକ୍ରି କବଲା ବଳରେ କିଛି ଜମି ଜଣେ ମହିଳାଙ୍କୁ ବିକ୍ରୟ କରିଥିଲେ। ଜମି କିଣିଥିବା ମହିଳା ଜନ୍ମରୁ ଏସ୍‌ଟି ହୋଇଥିବା ବେଳେ ଅଣ-ଏସ୍‌ଟି ବର୍ଗର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ମୂଳ ଜମି ମାଲିକଙ୍କ ପରିବାର ପକ୍ଷରୁ ତାଙ୍କ ଜମି ଅଣଏସ୍‌ଟି ଲୋକଙ୍କ ଜବର-ଦଖଲରେ ଥିବା ଅଭିଯୋଗ ହୋଇଥିଲା । ଓଡ଼ିଶା ସିଡ୍ୟୁଲଡ୍ ଏରିଆ ଟ୍ରାନ୍ସଫର ଅଫ୍ ଇମ୍ମୁଭେବଲ ପ୍ରୋପରଟି (ବାଏ ସିଟି) ରେଗୁଲେସନ୍, ୧୯୫୬ ଅନୁସାରେ ଏହି ମାମଲା ହୋଇଥିଲା। ଏସ୍‌ଟି ବର୍ଗର ସଦସ୍ୟ ହୋଇ ନଥିବା ଜଣେ ବ୍ୟକ୍ତିଙ୍କୁ ସମ୍ପୃକ୍ତ ମହିଳା ବିବାହ କରିଥିବାରୁ ଜମି କ୍ରୟ କରିଥିବା ମହିଳା ରେଗୁଲେସନ-୨ ଅନୁସାରେ ଏସ୍‌ଟି ସଦସ୍ୟ ହୋଇ ରହିନାହାନ୍ତି ବୋଲି କୋରାପୁଟ ସ୍ପେଶାଲ ଅଫିସର ଅନ୍ ଡ୍ୟୁଟି ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟର ଜଣକିଆ ବିଚାରପତି ଜଣେ ଅଣଏସ୍‌ଟି ବର୍ଗର ବ୍ୟକ୍ତିଙ୍କୁ ବିବାହ କରିଥିବାରୁ ଜଣେ ଏସ୍‌ଟି ମହିଳାଙ୍କ ଜାତି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ରାୟ ଦେଇଥିଲେ। ଜଣକିଆ ବିଚାରପତିଙ୍କ ରାୟ ବିରୋଧରେ ଦୁଇ ଜଣିଆ ଖଣ୍ଡପୀଠରେ ଅପିଲ ଦାୟର ହୋଇଥିଲା।